ଉଡ଼ନ୍ତା ଖୁଣୀ

ରମେଶଚନ୍ଦ୍ର ମିଶ୍ର

Deb's Library Corner

ସଇତାନ ମହଲରେ

ଦ୍ୱିତୀୟ ପର୍ବ

Digitized by:-
Deb's Library Corner
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact:-9556804309
Email:-debaraj.123456789@gmail.com
Telegram Link :- https://t.me/debslibrarycorner

ଉଡ଼ନ୍ତା ଖୁଣୀ

(ଡିଟେକ୍ଟିଭ ଉପନ୍ୟାସ)

ରମେଶ ଚନ୍ଦ୍ର ମିଶ୍ର

ପ୍ରକାଶକ :

ସାଥୀ ପ୍ରକାଶନ
ଓଡ଼ିଆ ବଜାର, କଟକ

ପ୍ରଥମ ସଂସ୍କରଣ—୧୯୮୫

ମୁଦ୍ରଣ :
ଶକ୍ତି ପ୍ରିଣ୍ଟର୍ସ
ଗୋପାଳଜୀ ଲେନ୍, କଟକ

ମୂଲ୍ୟ : ଟ. ୫.୦୦
(ପାଞ୍ଚ ଟଙ୍କା ମାତ୍ର) Fifty only

ସଇତାନ ମଣ୍ଡଳ—କେସ୍‌ର ଅସାମୀ 'ଦୁର୍ଦ୍ଧେଁ ଜେଲ୍ କାନ୍ଥ ଫୁଟେଇ ଫେରାର୍ ହେବା ଆଜକୁ ପ୍ରାୟ ଅଢ଼େଇ ବର୍ଷ ହୋଇଗଲାଣି । ସାରା ଭାରତରେ ଓ୍ୱାରେଣ୍ଟ ସହିତ ମୋଟା ଅଙ୍କର ପୁରସ୍କାର ମଧ୍ୟ ଘୋଷଣା କରାଯାଇଚି । ଅସ୍ତେ ଅସ୍ତେ ସେ ଦଗରୁ ନଜର ବି କମିଆସିଲାଣି । ଭିତରେ ଭିତରେ ପୋଲିସ ବିଭାଗ ଉଦ୍ୟମ କରୁଚନ୍ତି କି ନାହିଁ, ସେ କଥା କିଛୁ ଜଣାଯାଉନି ।

*　　　*　　　*　　　*

ସେଦିନର କଅଁଳ ସକାଳ । ଜୟନ୍ତ ଡ୍ରଇଂ ରୁମ୍‌ରେ ବସି ଖଣ୍ଡେ ଖବରକାଗଜ ଉପରେ ଆଖି ବୁଲେଇବାରେ ଲାଗିଚି । ସୁଧୀର ପାଖ ଚେୟାର ଉପରେ ବସି ଗୋଟାଏ ଷ୍ଟେଟ୍ ଏକ୍ସପ୍ରେସ୍ ସିଗାରେଟ ଟାଣି ଟାଣି ପ୍ରାୟ ଶେଷ କରିବାରେ ଲାଗିଚି ।

ଘର ଭିତରେ ଜୟନ୍ତର ସ୍ତ୍ରୀ ନଳିନୀ ଚା’ ତିଆରି କରିବାରେ ବ୍ୟସ୍ତ । ମଝିରେ ମଝିରେ କପ୍ ପ୍ଲେଟର ଠଣ୍ ଠଣ୍ ଶୁଣାଯାଉଚି, ଆଉ ତା ସଙ୍ଗେ ସଙ୍ଗେ ବଟର୍‌ର ଗନ୍ଧ ଭାସିଆସୁଚି । ବୋଧହୁଏ ଚା’ ସହିତ ଟୋଷ୍ଟର ଆୟୋଜନ ଚାଲିଚି ।

ସୁଧୀର ଏଭଳି ବ୍ରେକ୍‌ଫାଷ୍ଟକୁ ଆଦୌ ପସନ୍ଦ କରେନି । ବ୍ଲଟିଂ ପେପର ପରି ଚରୁଡ଼ାଏ ପାଉଁରୋଟି—ଧୂତ୍, ଖାଇବସି ଖାଲି ନାଆଁ ସାରିବା କଥା । ଡଜନେ ମୁଗୁଲେ ପରଟା ଯେଉଁଠି ଯଥେଷ୍ଟ ହୋଇପାରେନା, ସେଠି ସେ ଏମିତି ଫାଇନ୍ କଟ୍ ଟୋଷ୍ଟ ଖଣ୍ଡକର ଜାଗା କୋଉଠି, ସେକଥା ସୁଧୀର ଭାବିପାରୁ ନ ଥାଏ ।

ନଳିନୀ କିନ୍ତୁ ଏ ଅଢ଼େଇବର୍ଷ ମଧ୍ୟରେ ସେ ଅଭିଜ୍ଞତା ହାସଲ କରିସାରିଚି । ସୁଧୀରର ଖାଦ୍ୟ ପରିମାଣ କେତେ ଉଚ୍ଚରେ, ତାହା ଜାଣିବା ତା ପକ୍ଷରେ ଆଜିକାଲି କଷ୍ଟକର ହୋଇଉଠେନା । ଅଧିକାଂଶ ସମୟ ଏଥିପାଇଁ ସୁଧୀର ନଳିନୀର

ପ୍ରଶଂସାରେ ଶାନ୍ତମୁଖ ହୋଇଉଠେ । ଜୟନ୍ତଙ୍କୁ ଅଟ୍ଟାରେ କହେ, "ଆରେ ଗୁଣ ଚନ୍ଦ୍ର ଗୁଣିଆ । ମୁଁ ଭାବୁଥିଲି ଠିକ୍ ଏଇଆ; ତୋର କପାଳରେ ଥିଲେ ତ ମୋ ଭାଗ୍ୟରେ ଥିବ" ଜୟନ୍ତ ଶୁଣି ହସେ; ନଳିନୀ ମନେ ମନେ ଫୁଲିଉଠେ ।

ସୁଧୀରର ହତାଶ କଳ୍ପନା ହଠାତ୍ ରଙ୍ଗିନ୍ ହୋଇଉଠିଲା ଯେତେବେଳେ ତା ସମ୍ମୁଖରେ ନଳିନୀ ପୁଣି ତିନୋଟି ପାଉଁରୁଟିରେ ଅଣ୍ଡାପୋଚ ଆଉ ବଟରଲଗା ଟୋଷ୍ଟ ଗୋଟାଏ ପ୍ଲେଟରେ ରଖିଦେଇଗଲା । ଅଥଚ ଜୟନ୍ତ ପ୍ଲେଟ୍‌ରେ ମାତ୍ର ଗୋଟାଏ ପୋଚ ଫିଙ୍ଗ୍‌କରା ଦୁଇଖଣ୍ଡ ଫାଇନ କଟ୍ ଟୋଷ୍ଟ । ଜୟନ୍ତ ଖବରକାଗଜ ଉପରୁ ମୁହଁ ଉଠେଇ କହିଲା, "କଣେ, ଚଳିବ ନା ଆଉ ବରାଦ କରୁଚୁ ? ଆଗରୁ କେମିତି ମୁହଁଟା ସାଦା ପଡ଼ିଯାଇଥିଲା ଯେ ? ବୋଧହୁଏ ମୋ ପ୍ଲେଟ୍‌ର ପରିମାଣ ଆଶା କରୁଥିଲୁ ନିଶ୍ଚୟ ।"

ଖଣ୍ଡେ ଜଏଣ୍ଟ ଟୋଷ୍ଟ ଉଠେଇ ନେଉ ନେଉ ସୁଧୀର ଆଶ୍ଚର୍ଯ୍ୟ ହୋଇଯାଇ ପଚାରିଲା, "ତୁ ପରା ଖବରକାଗଜ ପଢ଼ୁଥିଲୁ ? ମୁଁ ଯେ ଏକଥା ମନେ ମନେ ବସି ଭାବୁଥିଲି, ସେକଥା ତୁ ଜାଣିଲୁ କେମିତି ?"

ନିଜ ପ୍ଲେଟ୍‌ରୁ ଟୋଷ୍ଟଖଣ୍ଡ ଉଠେଇନେଇ ଜୟନ୍ତ କହିଲା, "ଖବରକାଗଜ ଉପରେ ନଜର ଥାଇ ବି ମୁଁ ତୋ ମନ ଆଉ ମୁହଁର ଅବସ୍ଥା କାହିଁକି ଯେ ଅନ୍ୟପ୍ରକାର ଆନ୍ଦୋଳିତ ହେଉଥିଲା ତା ବେଶ୍ ବୁଝିପାରୁଚି । ଏ ହେଉଚି ଅପରାଧ ବିଜ୍ଞାନ ଗବେଷଣାର ଗୋଟାଏ ବିଶେଷ ଅଂଶ । ହଜାର ବ୍ୟସ୍ତ ରହି ଡିଟେକ୍‌ଟିଭ୍ ଯେ ଦୁନିଆର ସବୁକିଛି ଉପରେ ଦୃଷ୍ଟି ରଖିପାରେ, ଏଇଟା ତ ତୁ ଜାଣୁ !"

କଥା ମଝିରେ ସୁଧୀର ପ୍ଲେଟ୍ ଖାଲି କରିବାରେ ବ୍ୟସ୍ତଥିଲା । ହଠାତ୍ ସେ ନମସ୍କାର କରି କହିଲା, "କ୍ଷମା କରିବୁ ଭାଇ, ଖାଇବାରେ କେବେ ମୁଁ ଅପରାଧ କରେନି । ତା'ଉପରେ ତୋର ସନ୍ଧାନୀ ନଜର ଖେଳେଇ ଗୁରୁତର ଦଣ୍ଡ ଯେମିତି ନଦେଉ । ଶେଷକୁ ପେଟଟଣା ଯୋଗୁ କୌଣସି ନତେଇ ଧୋବଣୀ ପାଖେ ଲୁଣ ମନ୍ତ୍ରିବାକୁ ପଡ଼ିବ ଯେ !"

ଦୁହେଁଯାକ ହସରେ ଫାଟିପଡ଼ି ଟେବୁଲ ଉପରୁ ଚା’ କପ୍‌ଟିମାନ ଉଠେଇ ନେଲେ । ଚା’ ପର୍ବ ଶେଷ ହେବାରୁ ଖଣ୍ଡେ ଖଣ୍ଡେ ସିଗାରେଟ୍ ଉଠେଇ ନିଆଁ ଧରେଇଲେ । ସୁଧୀର ଖବରକାଗଜରେ ନଜର ଖେଳେଇବାକୁ ଆରମ୍ଭ କଲା ଏବଂ ଜୟନ୍ତ ସେଦିନ ଡାକରେ ଆସିଥିବା ଚିଠିଗୁଡ଼ିକ ପଢ଼ିବାରେ ମନଦେଲା ।

କେତେଖଣ୍ଡି ଚିଠି ପରେ ଲାଲବଜାର ପୋଲିସ ଷ୍ଟେସନର ଡେପୁଟି କମିଶନରଙ୍କ ପାଖରୁ ଆସିଥିବା ଖଣ୍ଡିଏ ପ୍ରାଇଭେଟ୍ ଚିଠି ତା ଆଖିରେ ପଡ଼ିଲା । ଆଶ୍ଚର୍ଯ୍ୟ ଓ ବିସ୍ମୟର ସହିତ ସେ ଚିଠିଖଣ୍ଡିକ ଫିଟାଇ ତଳେଥିବା ପ୍ରେରକର ନାମ ଉପରେ ଦୃଷ୍ଟି ପକାଇଲା । ଦେଖିସାରିବା ପରେ ଆନନ୍ଦରେ ତା’ର ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ଚିଠିଟିରେ ଲେଖାଥିଲା—

ବନ୍ଧୁ ଜୟନ୍ତ,

ମୁଁ ଗତ ମାସେ ହେବ ଏଠାକୁ ଡେପୁଟି କମିଶନର ରୂପେ ବଦଳି ହୋଇ ଆସିଛି । ଶୁଣିବାକୁ ପାଇଲି, ତୁମେ ଅପରାଧ-ବିଜ୍ଞାନ ଚର୍ଚ୍ଚା କରି ଯଥେଷ୍ଟ ସୁନାମ ଅର୍ଜନ କରିଛ । 'ସ୍କୁଲଜୀବନ ପରେ ଦୀର୍ଘଦିନ ଛାଡ଼ବାଡ଼ହେଲେ' ହୁଏତ ତୁମେ ମୋତେ ଭୁଲିଯାଇଥିବ । ଯାହାହେଉ, ହାତରେ ଯଦି ସେମିତି କିଛି ବିଶେଷ କାମ ନ ଥାଏ, ତେବେ ଦୟାକରି ଥରେ ଏଆଡ଼େ ବୁଲିଆସ । ଏଠାରେ କେତୋଟି ଘଟଣା ନେଇ ମୁଁ ବ୍ୟସ୍ତଅଛି । ସାକ୍ଷାତରେ ସେସବୁ କହିବି: ମିସେସ୍ ମୁଖାର୍ଜୀ ତୁମର ବାଟଚାହିଁ ରହିଲେ, ଆଶାକରେ କୁଶଳରେ ଅଛ । ଇତି ।

ଶ୍ରଦ୍ଧେୟ ବନ୍ଧୁ

ମି: ମୁଖାର୍ଜୀ

ଚିଠିଖଣ୍ଡିକ ସୁଧୀରଆଡ଼େ ବଢ଼ାଇ ଦେଇ ଜୟନ୍ତ କହିଲା, “ଦେଖ୍, ମୋର ଜଣେ ପୁରୁଣା ସାଙ୍ଗ ଚିଠି ଦେଇଛି ।”

ସୁଧୀର ଚିଠିଖଣ୍ଡିକ ଦେଖି କହିଲା, “ଆରେ ମି: ମୁଖାର୍ଜୀ ନିମନ୍ତ୍ରଣ ପଠେଇଛି ! ଲୋକଟା ଯେମିତି ଭଦ୍ର, ସେମିତି ମେଳାପୀ । କାମ ତ ସେମିତି କିଛି ନାହିଁ, ଯା ଦେଖିଏ ବୁଲିଆ ।”

—"ସେଥିପା ଭାବଚି, ଆସନ୍ତା ରବିବାରଦିନ ଯିବାକୁ ଜଣେଇ ଦେଉଚି । କାରଣ ମୋତେ ସବୁପ୍ରକାର ପ୍ରସ୍ତୁତ ହୋଇ ଯିବାକୁ ହେବ ।"

—"ମାନେ ?"

—"ସେ ବର୍ତ୍ତମାନ କେତେକ ଘଟଣାରେ ବ୍ୟସ୍ତ ଥିବାର ଜଣେଇଚି । ବନ୍ଧୁ ଭାବରେ ତାକୁ ଯଦି କିଛି ସାହାଯ୍ୟ କରିପାରେ ”

—"ଓ ବେଙ୍ଗଲ ପୋଲିସକୁ ବି ନିଜର ବାହାଦୁରୀଟା ଦେଖାଇବାର ମତଲବ୍ ଅଛି ତା'ହେଲେ ? ଦେଖ୍ ଭାଇ, ତାଙ୍କ କଥା ସେ ବୁଝନ୍ତୁ । ଆମର ସେସବୁରେ ମୁଣ୍ଡ ଖେଳେଇ କିଛି ଲାଭ ନାହିଁ ।"

—"ବ୍ୟସ୍ତ ହେବାର କିଛି କାରଣ ନାହିଁ, ସୁଧୀର ! ଅନ୍ତତଃ ସେ ଯଦି ମୋତେ ଏ ସମ୍ବନ୍ଧରେ ଅନୁରୋଧ କରେ ତା'ହେଲେ ନାହିଁ କରିଦେବାଟା ନିହାତି ଅସୁନ୍ଦର ଆଉ ଲଜ୍ଜାର ବିଷୟ ହେବ । ଯେତେଦୂର ଆଶା, ବେଙ୍ଗଲର ସୁନାମଧନ୍ୟ ଡିଟେକ୍ଟିଭ୍‌ମାନଙ୍କୁ ଛାଡ଼ି ମୋର ଆଶ୍ରୟ ସେମାନେ ନେବେନି । ତଥାପି ”

—"ତଥାପି ଆଉ କ'ଣ ? ଏଇଟା ସ୍ୱତଃସିଦ୍ଧ ଯେ, ନିଆଁ ଦେଖିଲେ ତୋ ପରି ଝିଣ୍ଟିକା ନିଶ୍ଚୟ ଡିଆଁ ଦେଇ ଆରମ୍ଭ କରିଦେବ । ଯାହା ହଉନା କାହିଁକି, ପୋଡ଼ି ନ ଯାଉ ଯେମିତି ।"

ସୁଧୀର କଥାଟି କହି ଉଚ୍ଚସ୍ୱରରେ ହସିଉଠିଲା । ଜୟନ୍ତ ମଧ୍ୟ ସେ ହସରେ ଯୋଗ ଦେଲା ।

କଳିଙ୍ଗ ରେଣ୍ଟେଡ୍ ହାଉସ୍ ।

ଜଣେ ଓଡ଼ିଆଙ୍କ ଉଦ୍ୟମରେ ପ୍ରତିଷ୍ଠିତ । ମାତୃଭୂମିର ସ୍ମୃତିରକ୍ଷା ପାଇଁ ଏପରି ନାମକରଣ କରାଯାଇଚି । ଦୀର୍ଘଦିନ କଲିକତାରେ ବ୍ୟବସାୟ କରି ଅଜସ୍ର ଟଙ୍କା ଉପାର୍ଜନ କରି ଲୋକଟା ପାର୍କ ସର୍କସର ବଜେସ୍ତା ଅଞ୍ଚଳରେ, ଗୋଟାଏ ଘର ତିଆରି କରିଚି ।

ଦୋତାଲା ଘର; ବହୁତ ଲମ୍ବା ।

ଦେଖିବାକୁ ଠିକ୍ ଗୋଟାଏ ଦୁର୍ଗପରି ।

ଆଖପାଖରେ ଅନେକଗୁଡ଼ାଏ ଘର । ସବୁଗୁଡ଼ିକ ପ୍ରାୟ ଏକମହଲା ଆଉ ଦୁଇମହଲା ।

ସମଗ୍ର ଘରଟାକୁ ଛୋଟ ଛୋଟ ବଖରା କରି ସେ ଭଡ଼ା ଦେଇଥାଏ । ଏଠି ବି ତା'ର ଚମତ୍କାର ବ୍ୟବସାୟବୁଦ୍ଧିର ପରିଚୟ ମିଳେ ।

ଜଟେସ୍ୟା ଅଞ୍ଚଳରେ କଲଙ୍ଗ ବେଣ୍ଟେଡ଼୍ ହାଉସ୍ ଖୁବ୍ ସୁପରିଚିତ କୋଠା । ବିଭିନ୍ନ ଜାତିର ବିଭିନ୍ନ ଲୋକଙ୍କର ଆବାସସ୍ଥଳ ।

ଅବଶ୍ୟ ଜଟେସ୍ୟାର ଯେକୌଣସି ସାଧାରଣ ଲୋକ ପାଖରେ କୋଠାର ମାଲିକ ସୁବୁଦ୍ଧି ନାୟକ ଜଣେ ଅତି ପରିଚିତ ଲୋକ ।

ସହଜ ସାଧାରଣ ଲୋକ ଏଇ ସୁବୁଦ୍ଧି ନାୟକ । ଟଙ୍କାର ଗର୍ବ ନାହିଁ; କାହାରି ସାଙ୍ଗେ ରୁକ୍ଷ ବ୍ୟବହାର ସେ କରେନି, ସଦାବେଳେ ହସ ହସ ମୁହଁ ।

କିନ୍ତୁ ଦଳେ ଲୋକ କହନ୍ତି, ସୁବୁଦ୍ଧି ନାୟକର ଏଇଟା ବାହ୍ୟ ରୂପ । ଏଇ ଆବରଣ ତଳେ ଯେ ଦୁରାତ୍ମା ବାସ କରିଛି, ତା'ର ଖବର କେହି ଜାଣନ୍ତିନି ।

ଅଥଚ କି ଧରଣର କୁକାର୍ଯ୍ୟରେ ସୁବୁଦ୍ଧି ନାୟକ ଅଭ୍ୟସ୍ତ, ସେକଥା କେହି ନିଦର୍ଶନ ସ୍ୱରୂପ ଦେଖାଇପାରନ୍ତିନି ।

ଦଳେ ଲୋକ ମଝିରେ ମଝିରେ ତା ପାଖକୁ ଯିବାଆସିବା କରନ୍ତି । ଦୋମହଲାର ଯେଉଁ କୋଣ ବଖରାଟିରେ ମାଲିକ ରହେ, ସେଇଟା ସାଧାରଣଙ୍କ ପାଖରେ ଯେମିତି ଗୋଟାଏ ରହସ୍ୟସ୍ଥଳ ।

ବିଭିନ୍ନ ଲୋକ ବିଭିନ୍ନ ଧରଣର ଦାମୀ ଜିନିଷପତ୍ର ନେଇ ସୁବୁଦ୍ଧି ନାୟକ ସହିତ ଦେଖାକରନ୍ତି । ଦାମିକା ସ୍ୱର୍ଣ୍ଣ ମାଳାଠାରୁ ଆରମ୍ଭ କରି କୌଣସି ଜିନିଷ ବାଦ୍ ଯାଏନି; କିନ୍ତୁ ସେସବୁର ବିନିମୟରେ ସୁବୁଦ୍ଧି ନାୟକଠାରୁ ଏକଚତୁର୍ଥାଂଶ ମୂଲ୍ୟରୁ ଅଧିକ କେହି କେବେ ପାଏନି ।

କିନ୍ତୁ ତେବେ ବି ସେମାନେ ବାଧ୍ୟ ହୋଇ ସୁବୃଦ୍ଧି ନାୟକ ପାଖକୁ ଏଇ ଜିନିଷଗୁଡ଼ିକ ବିକ୍ରି କରିବାକୁ ଆସନ୍ତି ।

ତା'ର କାରଣ ଆଉ କିଛି ନୁହେଁ—ଏଗୁଡ଼ିକ ସବୁ ଚୋରି ମାଲ ।

ସାଧାରଣ ଲୋକ ଖୁବ୍ ବେଶି କଥାଟା ନ ଜାଣିଲେ ବି ଯେଉଁ କେତେ ଦି'ଜଣ ଜାଣନ୍ତି, ତାଙ୍କର ମୁହଁରୁ କଥାଟା କାନକୁ କାନ ହୋଇ ସବୁଆଡ଼େ ଖେଳେଇ ହୋଇପଡ଼ିଛି ।

ତେଣୁ ଲୋକଙ୍କର ଏଇ ଧାରଣା ଯେ, ଚୋରିମାଲ କାରବାର କରି ସୁବୃଦ୍ଧି ନାୟକ ଏତେ ଟଙ୍କା ପଇସାର ଅଧିକାରୀ ହୋଇଛି ।

ବେଶ୍ ଲମ୍ବା ଚଉଡ଼ା ଚେହେରା । ବାଳର ରଙ୍ଗଗୁଡ଼ିକୁ ବାଦ୍ ଦେଲେ ସେ ଯେ ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ଏକଥା ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । ପ୍ରଶସ୍ତ ଆଖି ଦୁଇଟା ତା'ର ଯେମିତି ଜନ୍ମଗତ ଅବିଶ୍ୱାସର ଛାୟାରେ ଚମକିଉଠୁଛି । ଗତିଭଙ୍ଗୀରେ କେମିତି ଗୋଟାଏ ଯେମିତି ସନ୍ଦେହଜନକ ସନ୍ଦିଗ୍ଧ ଭାବ । ମୋଟା ନିଶ ଦୁଇଟା ନାକତଳେ ପ୍ରମାଣ ଦେଉଛି ଯେ, ଲୋକଟା ଖୁବ୍ ଚତୁର ।

ଆଜିପର୍ଯ୍ୟନ୍ତ ସୁବୃଦ୍ଧି ନାୟକ କେଉଁଠାରୁ ସେମିତି ଆଶାଜନକ ଜିନିଷ ପାଇନି ।

ସେଦିନ ସନ୍ଧ୍ୟା । ବାହାରେ ଝୁପ୍ ଝୁପ୍ ହୋଇ ବର୍ଷା ହେଉଛି; ସେ ବର୍ଷାର ଆଉ ଶେଷ ନାହିଁ ଯେମିତି । ଏତିକବେଳେ ସୁବୃଦ୍ଧି ନାୟକ ବସାର କବାଟ ଖଟ୍ ଖଟ୍ ହେବାର ଶୁଣାଗଲା ।

ଜଣେ ଦୀର୍ଘକାୟ ଅମେରିକାନ୍ ଲୋକ ଦ୍ୱାର ଆଗରେ ଠିଆ ହୋଇଥାଏ ।

—"କାହାକୁ ଖୋଜୁଛ ?" କର୍କଶ ସ୍ୱରରେ ସୁବୃଦ୍ଧି ନାୟକ ପଚାରିଲା । ତା'ର ସେଇ ଉଜ୍ଜ୍ୱଳ ଚକ୍ଷୁ ଦୁଇଟିରୁ ଯେମିତି ସନ୍ଦେହର ସ୍ରୋତ ପାଗଳ ହୋଇଉଠିଲା ।

—"ନାୟକ ମହାଶୟଙ୍କୁ ଖୋଜୁଚ ।"

"—କାହିଁକି ? ତୁମର ଦରକାର କ'ଣ ?" ସୁବୁଦ୍ଧି ନାୟକର କଥାରେ କୌତୂହଳର ଆଭାସ ମିଳୁଥିଲା ।

—"ମାଲ୍ ଅଛି ।"

—"ସେୟା ନା କ'ଣ ? ଆଚ୍ଛା, ଭିତରକୁ ଆସ ।"

ଆଗନ୍ତୁକ ଘରଭିତରେ ପ୍ରବେଶକଲା । ସୁବୁଦ୍ଧି ନାୟକ ଭିତରୁ କବାଟଟା ବନ୍ଦ କରିଦେଲା ।

—"କି ଜିନଷ, ଦେଖାଅ ।"

ସୁବୁଦ୍ଧି ନାୟକର କଥାରେ ପାଷାଣର କଠିନତା ।

—"କେତେଗୁଡ଼ାଏ ସୁନା ଅଛି । ପିଓର ଖାଣ୍ଟି, ଅସଲ ଜିନଷ ।"

—"ଜିନଷ ଦେଖି !"

ଲୋକଟା ପକେଟ୍ ଭିତରୁ ଗୋଟାଏ ଚମଡ଼ାମୁଣି ବାହାର କରି ଆଣିଲା । ଉପର ମୁହଁଟା ଫିଟାଇ ଟେବୁଲ ଉପରେ ଟେକି ଧରିବାରୁ କେତେକ ଚକ୍ ଚକ୍ ସୁନା ତା'ଭିତରୁ ବାହାରି ପଡ଼ିଲା ।

ସୁନାର ଅପୂର୍ବ ଜ୍ୟୋତିରେ ଘରଆଡ଼ ଯେମିତି ଝଲସିଉଠିଲା । ପ୍ରାୟ ପନ୍ଦରଟି ସୁନାଖଣ୍ଡ ଟେବୁଲ ଉପରେ ପଡ଼ିରହିଥାଏ ।

ଏ ସୁନା ଖଣ୍ଡେ ଖଣ୍ଡେ ଅନ୍ତତଃ ତିରିଶ୍ ଚାଳିଶ ହଜାରରୁ କମ୍ ଦାମ୍ ହେବ ନାହିଁ; ସବୁ ସୁନାଗୁଡ଼ିକର ଦାମ୍ ମିଶି ତିନି ଚାରି ଲକ୍ଷ ଟଙ୍କା ହେବ ।

ସୁବୁଦ୍ଧି ନାୟକର ଆଖି ଖୁବ୍ ବଡ଼ ବଡ଼ ହୋଇଉଠିଲା । ଲୋଭର ପ୍ରଚଣ୍ଡତା ଯେମିତି ତା'ର ଆଖି ଦୁଇଟାରେ ଭରି ରହିଥିଲା ।

—"କେତେ ଦେବାକୁ ହେବ ?" ସୁବୁଦ୍ଧି ନାୟକ ଗମ୍ଭୀର ସ୍ୱରେ ପଚାରିଲା ।

—"ଆପଣ ଦାମ୍ କହନ୍ତୁ ନାଁ !"

—"ମୁଁ ପନ୍ଦର ହଜାର ପର୍ଯ୍ୟନ୍ତ ଦେଇପାରେ ।"

"ଏତେ କମ୍ ?" ଆଶ୍ଚର୍ଯ୍ୟ ହୋଇ ଲୋକଟା ଉଠି ଠିଆହେଲା । ଫେରିଯିବାକୁ ଉଦ୍ୟତ ହେବାରୁ ସୁବୁଦ୍ଧି ନାୟକ କହିଲ, "କେବେ ହେଲେ ଦେବାକୁ ରାଜି ଅଛ ?"

—"ଅନ୍ତତଃ ଲକ୍ଷେ ଟଙ୍କା ଦେଲେ ..."

"ଆରେ ବାପ୍‌ରେ ! ଅତ ଜୋର ହେଲେ ଷାଠିଏ ହଜାର ଟଙ୍କା ଦେଇପାରେ" ଉତ୍ତର ଅପେକ୍ଷାରେ ଉଦ୍‌ବିଗ୍ନ ହୋଇଉଠିଲ ସୁବୁଦ୍ଧି ନାୟକ ।

—"ଷାଠିଏ ହଜାର ? ଅଚ୍ଛା, ସେଇଆ ଦଅନ୍ତୁ । ଟଙ୍କାର ବିଶେଷ ଦରକାର ଅଛି ।"

ସୁବୁଦ୍ଧି ନାୟକ ଭଲଭାବରେ ହୀରାଗୁଡ଼ିକ ଗଣିନେଇ ଏପଟ ସେପଟ କରି ଦେଖିବାରେ ଲାଗିଲ, ତା'ପରେ ସେଗୁଡ଼ିକ ମୁଣ୍ଡିଭିତରେ ରଖି ଉଠି ଠିଆହେଲ ।

ଘରର କୋଉଟାଏ କଣରେ ମଜବୁତ ଆଇରନ୍ ଚେଷ୍ଟ ଥୁଆହୋଇଛି । ଚେଷ୍ଟ ଖୋଲି ହୀରାଗୁଡ଼ିକ ତା ଭିତରେ ରଖିସାରିବା ପରେ ପୁଳାଏ ଶହେଟଙ୍କିଆ ନୋଟ ବାହାର କରିଆଣି ଆଗନ୍ତୁକ ହାତରେ ଦେଲ ।

ଟଙ୍କାଗୁଡ଼ିକ ଭଲଭାବରେ ଗଣିନେଇ ଲୋକଟି ଘରରୁ ଚାଲିଗଲ ।

ସେତେବେଳେ ରାତି ଦୁଇଟା । ସୁଦୂର ନୀଳ ଆକାଶବକ୍ଷରେ ଶୁଣାଗଲ ଗୋଟାଏ ଅସ୍ପଷ୍ଟ ଶବ୍ଦ । ଗୋଟାଏ ଉଡ଼ନ୍ତା ଗୁମ୍ଫା ଯେମିତି ଅସୀମ ଆକାଶ ଭେଦକରି ଉଡ଼ିଆସୁଛି ମହାନଗରୀର କୌଣସି ଗୋଟାଏ ନିର୍ଦ୍ଦିଷ୍ଟ ଅଞ୍ଚଳ ଆଡ଼େ ।

ନିସ୍ତବ୍ଧ ନିଶୀଥ ମହାନଗରୀକୁ ଆଚ୍ଛନ୍ନ କରିଛି । ଚନ୍ଦ୍ରର ଜଡ଼ତା ସମଗ୍ର ସହରକୁ ନିବିଡ଼ଭାବେ ଘେରି ରହିଛି । ଉଡ଼ନ୍ତା ଗୁମ୍ଫା ସମ୍ବନ୍ଧରେ ଚିନ୍ତା କରିବା ପାଇଁ କେହି ହେଲେ ଜାଗ୍ରତ ନ ଥିଲେ ।

Deb's Library Corner

ଧୀରେ ଧୀରେ ସେ ଉଡ଼ନ୍ତା ଗୁମ୍ଫା ଘସ୍ ଘସ୍ ଶବ୍ଦ କରି କଳିଙ୍ଗ ରେଷ୍ଟ୍ ହାଉସ୍ର ଛାତ ଉପରେ ଓହ୍ଲାଇଗଲା ।

ବିରାଟ ଘରଟାରେ କେହି ହେଲେ ସେ କଥା ଜାଣିପାରିଲେନି । ସମସ୍ତେ ନିଦ୍ରାର ମଧୁର କୋଳରେ ଚେତାଶୂନ୍ୟ ।

ଇଞ୍ଜିନ୍ର ଶବ୍ଦ ବନ୍ଦ ହୋଇଗଲା ପରି ମନେ ହେଲା ।

ସ୍ତବ୍ଧ ରାତିର ଅସୀମତା ଭାଙ୍ଗି ଏଇଟା କି ଶବ୍ଦ ? କୌଣସି ଅଜଣା ରହସ୍ୟର ଗୋପନ ଇଙ୍ଗିତ ଲୁଚିରହିଛି ଏଇସବୁ ବିଚିତ୍ର ଘଟଣାଗୁଡ଼ିକ ପଛରେ ।

ସମଗ୍ର କଳିଙ୍ଗ ରେଷ୍ଟ୍ ହାଉସ୍ର ଲୋକମାନଙ୍କ ନିଦ ନ ଭାଙ୍ଗିଲେ ବି ଜଣେ ଲୋକ ଏଇ ଶବ୍ଦରେ ଜାଗିଉଠିଲା ।

ସେ ଆଉ ଅନ୍ୟ କେହି ନୁହେଁ । କଳିଙ୍ଗ ରେଷ୍ଟ୍ ହାଉସ୍ର ମାଲିକ ସ୍ୱୟଂ ସୁବୁଦ୍ଧି ନାୟକ । ସେ ଉଠିବା ମାତ୍ରେ ଝରକା ପାଖକୁ ଯାଇ ଏଇସବୁ ବିଚିତ୍ର ଘଟଣାଗୁଡ଼ିକ ଲକ୍ଷ୍ୟକଲା । ତା'ର ପାଦଠାରୁ ମୁଣ୍ଡପର୍ଯ୍ୟନ୍ତ ଯେମିତି ଗୋଟାଏ ବିଦ୍ୟୁତ୍ର ଶିହରଣ ଖେଳିଗଲା ।

ଟେବୁଲ ଡ୍ରୟର ଭିତରୁ ରିଭଲଭରଟା ବାହାର କରିଆଣି ସୁବୁଦ୍ଧି ନାୟକ ଧୀରେ ଧୀରେ ଘରର ବାହାରେ ଆସି ଠିଆହେଲା ।

ଗୋଟାଏ ଖମ୍ବ ଆଢ଼ୁଆଳରେ ଲୁଚିରହି ସେ ଦେଖିଲା, ଦୁଇଜଣ ଲୋକ ଦ୍ରୁତଗତିରେ ତାର ଘରଆଡ଼େ ଆଗେଇ ଆସୁଛନ୍ତି ।

ସୁବୁଦ୍ଧି ନାୟକ ଖମ୍ବ ଆଢ଼ୁଆଳରେ ନିଜକୁ ଯଥାସମ୍ଭବ ଲୁଚେଇ ରଖିବାର ଚେଷ୍ଟା କଲା ।

ତାର ଭାଗ୍ୟ ଭଲ । ଲୋକ ଦୁଇଟା ତାକୁ ଦେଖି ପାରିଲେନି । ସେମାନେ ନିଜ ନିଜ ଭିତରେ ଧୀରେ ଧୀରେ କଥାବାର୍ତ୍ତା ହେବାକୁ ଲାଗିଲେ । ସୁବୁଦ୍ଧି ନାୟକ ଉତ୍କର୍ଣ୍ଣିତ ଭାବରେ ସେମାନଙ୍କ କଥା ଶୁଣିଲା । ଜଣେ କହିଲା, "ତୁମେ ଠିକ୍ ଜାଣ ତ, ଯେ ଲୋକଟା ଏଇ ଘରେ ତା'ର ସମସ୍ତ ଟଙ୍କାପଇସା ରଖିଛି ?"

ଅନ୍ୟ ଲୋକଟି ଉତ୍ତରରେ କହିଲା, "ହଁ, ହଁ । ଭଲକରି ନ ଦେଖିଥିଲେ ଏତେ କଷ୍ଟକରି ଦଶମାଇଲ ରାସ୍ତା ଚଢ଼ି ଆସିଥାଆନ୍ତି

ପୂର୍ବ ଲୋକ ଜଣକ କହିଲା, "ତା'ହେଲେ ଚାକର ଲୋଭ ଦେଖାଇ ଟଙ୍କା ପଇସା ରଖିବାର ଗୁପ୍ତ ଜାଗାଟା ଠିକ୍ ଦେଖିପାରିଚ ନିଶ୍ଚୟ । ଯାହାହେଉ, ଏଥର ଚାଲ ସେ ଜାଗା ଉପରକୁ ଯିବା…"

ଦୁହେଁଯାକ ସୁବୁଦ୍ଧି ନାୟକ ଘରଆଗରେ ଯାଇ ଠିଆହେଲେ । ଦୁଆରଟା ଖୋଲା ଥିବାର ଦେଖି ଦୁହେଁଯାକ ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ଏମିତି ଦ୍ୱାର ଖୋଲା ଥିବ ବୋଲି ବୋଧହୁଏ ଆଶା କରି ନ ଥିଲେ ।

ତେବେ ସେମାନେ କୌଣସି ଚିନ୍ତା ନ କରି ଘର ଭିତରକୁ ପଶିଗଲେ । ଟର୍ଚ୍ଚ ଜଳେଇ କଣ ସେମିତି ଖୋଜି ବାହାର କରିବାର ଚେଷ୍ଟା କରୁଛନ୍ତି, ଏତିକିବେଳେ ପଛପାଖରୁ କିଏ ଜଣେ ଜଳଦ ଗମ୍ଭୀର ସ୍ୱରରେ କହିଉଠିଲା, "ମୁଣ୍ଡ ଉପରକୁ ହାତ ଉଠାଅ ସଇତାନ ! ସାମାନ୍ୟ ହଲଚଲ ହେବାର ଚେଷ୍ଟା କରିବା ମାତ୍ରେ ତୁମର ଜୀବନଦୀପ ଲିଭିଯିବ—ଏକଥା ମନେରଖ ।"

ଲୋକ ଦୁଇଟି ବିସ୍ମୟରେ ଚାହିଁ ଦେଖିଲେ, ସେମାନଙ୍କ ପଛରେ ସ୍ୱୟଂ ସୁବୁଦ୍ଧି ନାୟକ ଠିଆହୋଇ ବୀଭତ୍ସ ହସ ହସୁଚି । ତା'ର ମୋଟା ନିଶ ହଳକ ଯେମିତି ଫୁଲି ଫୁଲି ଉଠୁଚି । ଆଖି ଯୋଡ଼ାକରେ ଯେମିତି ଲାଗିରହିଚି ଅଗ୍ନିର ଝଲକ ।

ଦୁହେଁଯାକ ଆଶ୍ଚର୍ଯ୍ୟ ହୋଇ କଣ କରିବେ ବୋଲି ଭାବୁଚନ୍ତି, ଏତିକିବେଳେ ସୁବୁଦ୍ଧି ନାୟକ ଗର୍ଜ୍ଜିଉଠିଲା, "ବୃଥାରେ ଏପଟ ସେପଟ ହେଲେ ଜୀବନ ଉପରେ କଳା ଯବନିକା ସବୁଦିନ ପାଇଁ ପଡ଼ିଯିବ । ଦୁଇ ଜଣଯାକ ମୁଣ୍ଡ ଉପରକୁ ହାତ ଉଠାଇ ପାଖ ଘରଆଡ଼େ ଆଗେଇ ଚାଲ । ଆଜି ରାତିସାରା ସେ ଘରେ ବନ୍ଦକରି ରଖିବି । କାଲି ସକାଳେ ତୁମେମାନେ ପୋଲିସ ଆଗରେ ନିଜର ବାହାଦୁରି ଦେଖାଇବାକୁ ଖୁବ୍ ସୁଯୋଗ ପାଇବ ।"

ଲୋକ ଦୁହିଁଙ୍କ ମଧ୍ୟରୁ ଜଣେ କହିଲା, "ଆମମାନଙ୍କୁ ପୋଲିସ ହାତରେ ଦେବାର ଚେଷ୍ଟା କଲେ ତୁମେ ବି ରକ୍ଷା ପାଇବନି, ସୁବୁଦ୍ଧି ନାୟକ ! ତୁମର ଅତୀତ

କୀର୍ତ୍ତିକଳାପ ସବୁକଥା ଆମେ ଜାଣୁ ! ଆଉ ଆମକୁ ପୋଲିସ ହାତରେ ଦେବାର ଚେଷ୍ଟା କଲେ ତାହା ପଦାରେ ପକେଇବାକୁ…”

“ହାଃ-ହାଃ-ହାଃ !” ସୁବୁଦ୍ଧି ନାୟକ ପ୍ରଚଣ୍ଡ ଅଟ୍ଟହାସ୍ୟ କରିଉଠିଲେ । ତା’ପରେ କହିଲେ, “ଜଣେ ଭଦ୍ରଲୋକ ଘରକୁ ଚୋରି କରିବାକୁ ଆସି ଧରାପଡ଼ିଲେ ଯେଉଁମାନେ, ସେମାନଙ୍କ କଥା ଟିକିଏ ହେଲେ ବିଶ୍ୱାସ କରିବନି ”

“ବିଶ୍ୱାସ ନ କଲେ ବି ସେକଥା କୁ ଖବରରେ ବିଶ୍ୱାସ କରେଇବାକୁ ହେବ, ସେ ବାଟ ଆମକୁ ବେଶ୍ ଜଣାଅଛି ।”

“କେମିତି ଖବରରେ ?”

—“ସବୁ ପ୍ରମାଣ ଆମ ହାତରେ ଅଛି । ତେଣୁ ତୁମକୁ ମିଛରେ ଆମେ ଭୟ ଦେଖାଉନୁ…”

ସୁବୁଦ୍ଧି ନାୟକର ଅନ୍ୟମନସ୍କତାର ସୁଯୋଗ ନେଇ ଲୋକ ଦୁହିଁଙ୍କ ମଧ୍ୟରୁ ଜଣେ ଗୋଟାଏ ରିଭଲଭର ପରି ଜିନିଷ ତା ଆଡ଼କୁ ଟେକିଧରି ଟ୍ରିଗରଟାକୁ ଟିପିଦେଲା ।

କିନ୍ତୁ ସେଥିରୁ ବିସ୍ଫୋରଣ ହେଲା ନାହିଁ, ତା ପରିବର୍ତ୍ତେ ବାହାରିଆସିଲା ଝଲକାଏ ଧୂଆଁ, ଖୁବ୍ ଉଗ୍ରାକ୍ତ ସେ ଧୂଆଁ !

ସେଇ ଧୂଆଁ ନାକରେ ଆସି ବାଜିବା ମାତ୍ରେ ସୁବୁଦ୍ଧି ନାୟକ ଜ୍ଞାନଶୂନ୍ୟ ହୋଇ ଘର ମଝିରେ କଚ୍ଛଡ଼ି ହୋଇପଡ଼ିଲା ।

ତା ହାତରେଥିବା ରିଭଲଭର ଛିଟିକି ଆସି ଗୁଁ ଗୁଁ ଗର୍ଜିଉଠିଲା ଗୁଡ଼ୁମ୍ !

ଗୁଳିଟା ଯାଇ ପାଖ କାନ୍ଥରେ ବସିଲା ।

ସେଇ ଗୁଳି ଶବ୍ଦରେ ସମଗ୍ର କଳିଙ୍ଗ ରେଷ୍ଟେଡ୍ ହାଉସ୍‌ର ଲୋକେ ଚମକି ଉଠିଲେ ।

ସେମାନେ ଦେଖିବାକୁ ପାଇଲେ, ସୁଦୂର ଆକାଶ ବକ୍ଷରେ କ୍ଷିପ୍ରଗତିଶୀଳ ଗୋଟାଏ ଉଡ଼ନ୍ତା ଘୁସ୍ତା; ଇଞ୍ଜିନ୍‌ରୁ କେବଳ ଶୁଣାଯାଉଛି ଘସ୍ ଘସ୍ ।

ଏଇ ଅଦ୍ଭୁତ ଜନ୍ତୁଟା ଯେ କିଏ ଆଉ କାହିଁକି ବା ସୁବୁଦ୍ଧି ନାୟକ ବଙ୍ଗଳାରେ-ଏତେ ରାତିରେ ଆତତାୟୀ ପ୍ରବେଶ କରିଥିଲା, ତାହା କେହି ହେଲେ ବୁଝିପାରିଲେନ ।

ସମଗ୍ର କଳିଙ୍ଗ ରେଷ୍ଟେଡ୍ ହାଉସ୍‌ର ଉତ୍ତେଜିତ ଲୋକମାନେ ପୋଲିସକୁ ଫୋନ୍ କରି ଘଟଣା ଜଣେଇ ଦେଲେ ।

ସୁବୁଦ୍ଧି ନାୟକର ଶୁଶ୍ରୂଷା ପାଇଁ ଜଣେ ଡାକ୍ତରଙ୍କୁ ଟେଲିଫୋନ୍ କରାଗଲା । ଡାକ୍ତର ଆସି ଅନେକ କଷ୍ଟରେ ସୁବୁଦ୍ଧି ନାୟକର ଜ୍ଞାନ ଫେରାଇ ଆଣିଲେ । ଦେଖୁ ଦେଖୁ ଅଜସ୍ର ପୋଲିସ ଆସି ସାରା କଳିଙ୍ଗ ରେଷ୍ଟେଡ୍ ହାଉସ୍ ଘେରେଉ କଲେ ।

ତଦନ୍ତ ଆରମ୍ଭ ହେଲା । ଦେଖୁ ଦେଖୁ ଯେମିତି କଳିଙ୍ଗ ରେଷ୍ଟେଡ୍ ହାଉସ୍‌ରେ ପ୍ରଳୟ କାଣ୍ଡ ଆରମ୍ଭ ହୋଇଗଲା । ସୁବୁଦ୍ଧି ନାୟକର ଏ ବିଷୟରେ ପଚରାଗଲା—ସେ କିଛି ଜାଣେ କି ନାହିଁ ।

ସୁବୁଦ୍ଧି ନାୟକ କେବଳ କହିଲା, "ମୋ ମୁଣ୍ଡରେ ବର୍ତ୍ତମାନ କିଛି ପଶୁନ । ମା' ଗଙ୍ଗାକାଳୀଙ୍କ ରାଣ ଅଛି ! ଆପଣମାନେ ମୋତେ କିଛି ପଚରାପଚରି କରନ୍ତୁନ; ଯାହା କହିବାର ଅଛି ମୁଁ ସେସବୁ ପରେ କହିବି ।"

କଳିଙ୍ଗ ରେଷ୍ଟେଡ୍ ହାଉସ୍‌ରେ ଉପଯୁକ୍ତ ପହରା ଦେବାର ବ୍ୟବସ୍ଥା କରି ଏଣ୍ଟାଲି ଥାନାର ପୋଲିସ ଇନ୍‌ସପେକ୍ଟର ଚାଲିଗଲେ ।

ସମସ୍ତ ଘଟଣାଟା ଆଚ୍ଛନ୍ନ ହୋଇ ରହିଲା ଗୋଟାଏ ଗଭୀର ରହସ୍ୟ ଯବନିକାର ଅନ୍ତରାଳରେ ।

ପରଦିନ ସହରର ପ୍ରତ୍ୟେକଟି ଖ୍ୟାତ ଅଖ୍ୟାତ ସମ୍ବାଦପତ୍ରମାନଙ୍କରେ କଳିଙ୍ଗ ରେଣ୍ଟେଡ୍ ହାଉସ୍ ସମ୍ପର୍କିତ ଖବର ବେଶ୍ ବଡ଼ ବଡ଼ ଅକ୍ଷରରେ ପ୍ରକାଶ ପାଇଥିଲା ।

ସହରର ସବୁଆଡ଼େ ଆରମ୍ଭ ହୋଇଗଲା ବିସ୍ମୟର ଗୁଞ୍ଜନ । ପ୍ରତ୍ୟେକ ଲୋକ ମୁହଁରେ ସେଇ ଖବର ଶୁଣାଯାଉଥିଲା ।

ଖବରକାଗଜରେ ଥିଲା :—

ମହାନଗରୀର ଆକାଶରେ ହେଲିକେପ୍ଟର । କଳିଙ୍ଗ ରେଣ୍ଟେଡ୍ ହାଉସ୍‌ରେ ବିଚିତ୍ର ଆତତାୟୀ । ରହସ୍ୟ ଭେଦ କରିବା ପାଇଁ ପୋଲିସ୍‌ର ଆପ୍ରାଣ ଚେଷ୍ଟା ।

କିଏ ଏଇ ବୈଜ୍ଞାନିକ ଦସ୍ୟୁ ସେ ତଥ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଅଜ୍ଞାତ ।

କଳିଙ୍ଗ ରେଣ୍ଟେଡ୍ ହାଉସ୍‌ର ମାଲିକ ସୁବୁଦ୍ଧି ନାୟକଙ୍କୁ କଡ଼େସ୍ଥା ଅଞ୍ଚଳରେ ନ ଚିହ୍ନନ୍ତି, ଏମିତି ଲୋକ ଖୁବ୍ ବିରଳ । ତାଙ୍କର ଅଗାଧ ଧନ ଓ ଐଶ୍ୱର୍ଯ୍ୟ କଥା ସର୍ବଜନବିଦିତ ।

ଗତ ଅଠର ତାରିଖ ପ୍ରାୟ ରାତି ଦୁଇଟାବେଳେ ମହାନଗରୀ ଆକାଶର ଗୋଟାଏ ହେଲିକେପ୍ଟର ବିମାନ ଉଡ଼ୁଥିବାର ଦେଖାଗଲା । ଏହାର ଚାଳକ ସେ କିଏ ଏବଂ କାହିଁକି ଏ ବିମାନ ଖଣ୍ଡି ଆସି ଉଡ଼ୁଥିଲା, ସେକଥା କେହି ହେଲେ ଜାଣନ୍ତି ନାହିଁ ।

ଏଣେ ଏଇ ହେଲିକେପ୍ଟର ବିମାନ ଖଣ୍ଡିକ ଆସି କଡ଼େସ୍ଥା ଅଞ୍ଚଳରେ ଥିବା ରେଣ୍ଟେଡ୍ ହାଉସ୍ ଛାତଉପରେ ଓହ୍ଲାଇଗଲା । ଦୁଇଜଣ ଅଜ୍ଞାତ ଆତତାୟୀ ଏଇ ବିମାନରୁ ଅବତରଣ କରି କଳିଙ୍ଗ ରେଣ୍ଟେଡ୍ ହାଉସ୍‌ର ମାଲିକ ସୁବୁଦ୍ଧି ନାୟକଙ୍କୁ ଆକ୍ରମଣ କଲେ । ବୋଧହୁଏ ସୁବୁଦ୍ଧି ନାୟକଙ୍କର ଅଗାଧ ଧନ ଓ ଐଶ୍ୱର୍ଯ୍ୟ ଏଇ ଆକ୍ରମଣକାରୀମାନଙ୍କୁ ପ୍ରଲୁବ୍ଧ କରିଥିଲା । କିଏ ବା କେଉଁଠାରୁ ଏଇ ବୈଜ୍ଞାନିକ ଦସ୍ୟୁ ଏବଂ କାହିଁକି ବା ସେମାନେ ଏଭଳି ଆକସ୍ମିକ ଭାବରେ ଆକ୍ରମଣ କରିଥିଲେ, ସେ ତଥ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଅନାବିଷ୍କୃତ ରହିଛି ।

ଆଶା କରାଯାଏ, ପୋଲିସ ବିଭାଗ ଆତତାୟୀଙ୍କୁ ଗିରଫ କରିବାରେ ସକ୍ଷମ ହେବେ । ଏ ଧରଣର ବୈଜ୍ଞାନିକ ପ୍ରଣାଳୀରେ ସଙ୍ଘବଦ୍ଧ ଆକ୍ରମଣ ବୋଧହୁଏ ଆମ ଦେଶରେ ଏଇ ପ୍ରଥମ । ଯଦି ଏଇ ବୈଜ୍ଞାନିକ ଦସ୍ୟୁମାନଙ୍କୁ ଗିରଫକରା ନ ଯାଏ, ତେବେ ସାରା ଭାରତ ବର୍ଷରେ ଯେ ଏମାନଙ୍କର ପ୍ରଭାବ ବୃଦ୍ଧି ପାଇବ, ଏସମ୍ବନ୍ଧରେ କୌଣସି ସନ୍ଦେହର ଅବକାଶ ନାହିଁ ।

ଆମର ଶାନ୍ତି ଓ ଶୃଙ୍ଖଳାରକ୍ଷକ ପୋଲିସବାହିନୀକୁ ଏ ସମ୍ବନ୍ଧରେ ସଚେତନ ହେବାକୁ ଅନୁରୋଧ କରୁଛୁ ।

× × × ×

ଏଣ୍ଟାଲି ଥାନାର ସବ୍‌ଇନସ୍‌ପେକ୍ଟର ଜଣେ ବେଶ୍ ଜବରଦସ୍ତ ଲୋକ ବୋଲି ପୋଲିସ୍ ମହଲରେ ସୁପରିଚିତ ।

ସେ ସ୍ୱରଟାକୁ ଗମ୍ଭୀର କରି ସୁବୁଦ୍ଧି ନାୟକ ଆଡ଼େ ଚାହିଁ ତାକୁ କହିଲେ, "କୌଣସି ପ୍ରକାର କଥା ଗୋପନ ରଖନା । ଏ ସମ୍ବନ୍ଧରେ କୌଣସି ଖେଳ ଖେଳିବା ମୋ ପାଖରେ ଚଳିବନି ।"

ସୁବୁଦ୍ଧି ନାୟକ ତାର ମୋଟା ଦାନ୍ତ ଦେଖେଇ କହିଲା, "ହେ ଭଗବାନ୍ ! କଥା ଲୁଚେଇ ମୋର ବିପଦ ବଢ଼େଇବାକୁ ଯିବ କାହିଁକି ?"

—"ତାହେଲେ ଏଥର ତୁମର ଯାହା କହିବାର କଥା, କହିଯାଅ ।"

—"ମା' ଗଙ୍ଗା କାଳୀଙ୍କର ରାଣ ଅଛି, ଓଡ଼ିଶାର ମଫସଲ ଅଞ୍ଚଳରେ ସେ ଲୋକଟାର ଘର ।"

—"କୋଉ ଲୋକଟା ?" ସବ୍‌ଇନସ୍‌ପେକ୍ଟର ଯେମିତି ଆକାଶରୁ ପଡ଼ିଲେ ।

—"ମୁଁ ଆଉ କ'ଣ କହୁଛି ! ସେଇ ଯେଉଁ ଲୋକ ଦୁଇଟା ମୋତେ ଆସି ଆକ୍ରମଣ କରିଥିଲେ, ତା'ର ଭିତରେ ଯୋଉଟା ପହିଲା ନମ୍ବର, ତା'ର କଥା କହୁଛି ।"

—"ସେମାନଙ୍କୁ ତୁମେ ଚହ୍ନିଛ ତା'ହେଲେ ?"

—"ନାହିଁ ଆଜ୍ଞା, ସେ ବୃଦ୍ଧିଙ୍କ ନୁହେଁ, ଜଣକ୍ର ।"

—"ଓ, ଯିଏ ଦଳପତି, ତାକୁଇ ତୁମେ ଚିହ୍ନିଛ ?"

—"ହଁ, ସାର୍ !"

—"ଆଉ ଅନ୍ୟ ଲୋକଟା ?"

—"ତାକୁ ଚିହ୍ନିନି । ସେ ସେଦିନ ସକାଳେ ଛଦ୍ମବେଶରେ ଆସି ମୋ ପାଖେ କିଛି ଖବର ବର୍ଜି କରିଯାଇଥିଲା ।"

—"ସତେ ନା କ'ଣ ?"

—"ହଁ ସାର୍, ମୋର ଟଙ୍କା ପଇସା କେଉଁଠି ରହୁଚି, ସେଇ କଥା ଜାଣିବା ପାଇଁ ଛଦ୍ମବେଶରେ ଖବର ବର୍ଜି କରିବାକୁ ଆସିଥିଲା ବୋଧହୁଏ !"

—"କିନ୍ତୁ ତୁମ ଉପରେ ତା'ର ଏତେ ନଜର କାହିଁକି ?"

—"ସେ କଥା କେମିତି କହିବି, ଆଜ୍ଞା ? ତେବେ ମୋର ପ୍ରଚୁର ଟଙ୍କା ପଇସା କଥା ହୁଏତ ସେ ଶୁଣିଛି । ତା'ଛଡ଼ା ଖବର ବର୍ଜି କରିବାକୁ ଆସି ମୋର ଚେଷ୍ଟା ଉପରେ ନଜର ଖେଳେଇ ଯାଇଛି ।"

—"ହଁ ଏଥର ତା'କଥା କଣ କହୁଥିଲ, ସେ କଥା ଶେଷ କର ।"

—"ସେ ବିଷୟ ସେମିତି କିଛି ବଡ଼ ନୁହେଁ । ଲୋକଟା ଆଗରୁ ଛୋଟ ଛୋଟ ଚୋରି ଡକାୟତି କରୁଥିଲା । ଧୀରେ ଧୀରେ ସାହସ ବଢ଼ିଯିବାରୁ ଗୁଡ଼ାଏ ଲୋକଙ୍କୁ ନେଇ ଗୋଟାଏ ଦଳ ଗଢ଼ିଥିଲା । ମୋର ମନେଅଛି, ଜଣେ ଗୋଇନ୍ଦା ତାକୁ ଧରି ଦଣ୍ଡ ଦେଇଥିଲେ ।

—"ତା'ପରେ ?" ଉଦ୍‌ଗ୍ରୀବ ହୋଇ ସବ୍‌ଇନସ୍‌ପେକ୍ଟର ପଚାରିଲେ ।

—"ତା'ପରେ ? ଜେଲରୁ ବାହାରିବା ପରେ କେଉଁଠି ସଇତାନ୍ ମଣ୍ଡଳ ବୋଲି ଗୋଟାଏ ଜାଗାରେ ଦଳ ବାନ୍ଧିଥିଲା । ଗୁଡ଼ାଏ ବଦମାସୀ କରିବା ପରେ ପୁଣି ସେଇ ଗୋଇନ୍ଦାଙ୍କ ହାତରେ ପଡ଼ି ସଜା ପାଇଲା । ଏକଥା ମୋର ଜଣେ ନବାଗତ ବନ୍ଧୁ ମୋତେ କହିଥିଲେ ।"

—"ଏସବୁ କେତେ ଦିନ ତଳର କଥା ?"

—"ପ୍ରାୟ ଅଠେଇ ବର୍ଷ ଖଣ୍ଡେ ହେବ ।"

—"ତା'ପରେ ?"

—"ତା'ପରେ ଆଉ କିଛି ଜାଣିନି । କିନ୍ତୁ କିଏ ଜାଣିଥିଲା, ସଇତାନ୍ ବ୍ରଜ ସ୍ୱାଇଁ ଏ କଲିକତା ଆସି ମୋ ସଙ୍ଗରେ ଲାଗିବ ବୋଲି !"

—"ଏ କଣ ସେଇ ଫେରାର ଖୁଣୀ ଆସାମୀ ବ୍ରଜକିଶୋର ସ୍ୱାଇଁ ?

—"ହଁ, ସାର୍ !"

—"ମାଇଁ ଗଡ୍ !" ସବ୍‌ଇନସ୍‌ପେକ୍ଟର ବିସ୍ମୟ ବ୍ୟକ୍ତ କଲେ । ତା'ପରେ ଟିକିଏ ରହି କହିଲେ—"ସେମାନଙ୍କ ଦଳର ଅନ୍ୟ କାହାରି ନାଁ ପ୍ରଭୃତି ଜାଣିଚ ?"

—"ନା କାହାରି କଥା କହିପାରିବିନି । ତେବେ ତାଙ୍କ ଦଳରେ ଗୋଟାଏ ଉଡ଼ାଣିଆ ଝିଅ ଥିଲା ବୋଲି ବନ୍ଧୁଜଣକ କହୁଥିଲେ । ତା'ର ନାଁ କଣ··· ମାୟାରାଣୀ; କୋଉଠାର ସେ ଝିଅ ସେ ବିଷୟରେ କିଛି କହିପାରିବିନି ।"

—"କିନ୍ତୁ ମାୟାରାଣୀ ନାମକ ଝିଅଟି ଯେ ସେମାନଙ୍କ ଦଳର, ଏମିତି କିଛି ପ୍ରମାଣ ଦେଖାଇପାରିବ ?"

—"ପ୍ରମାଣ କେଉଁଠାରୁ ସଂଗ୍ରହ କରିବି ?"

—"ତେବେ ମିଛରେ କାହିଁକି ଏମାନଙ୍କ ସହିତ ତା' ନାଁ' ଯେ ଡ଼ାଯୋଡ଼ି କରୁଚ ? ମାୟାରାଣୀ ନାମରେ ଗୋଟିଏ ଝିଅପିଲା ତ ଭିଗାଲର ନର୍ତ୍ତକୀ । ତା ବିରୁଦ୍ଧରେ କେତେଗୁଡ଼ିଏ ରିପୋର୍ଟ ଏହା ପୂର୍ବରୁ ମୁଁ ଶୁଣିଥିଲି; କିନ୍ତୁ ବହୁ ଅନୁସନ୍ଧାନ କରିବି ଏମିତି କୌଣସି ପ୍ରମାଣ ପାଇନି, ଯାହା ବଳରେ ତାକୁ ଆରେଷ୍ଟ କରିହେବ ବା ତା ବିରୁଦ୍ଧରେ ଚାର୍ଜସିଟ ଦେଇ ହେବ !"

—"ଭିଗାଲର ନର୍ତ୍ତକୀ ! ନାହିଁ ସାର୍, ଏ ବୋଧହୁଏ ଅନ୍ୟ କୌଣସି ମାୟାରାଣୀ ହୋଇଥିବ ।"

—"ନା, ତୁମେ କଣ କହୁଚ, ତା ଖେଇ ଠିକ୍ ରଖିପାରୁନ ଦେଖୁଚ ।"

—"ଠିକ୍ କେମିତି ରକ୍ଷିବ,' ସାର୍ ? ନକ୍ସାଲି ମାସ୍ୟାଗଣୀ ସହିତ ଦସ୍ୟୁ ବ୍ରଜକିଶୋର ସ୍ୱାମିଙ୍କ ସମ୍ବନ୍ଧ, ତା'ର ସ୍ୱରୂପ ! ଏମିତି ଗୋଟାଏ ଜଟିଳ ରହସ୍ୟ—ସବୁ କିଛି ମିଶି ମୋ ମୁଣ୍ଡ ଭିତରେ କେମିତି ଗୋଳମାଳ ସୃଷ୍ଟି କରୁଚ, ସାର୍ !"

—"ରହସ୍ୟ ଏମିତି ଜଟିଳ ହୁଏ; ତାକୁ ସରଳ କରିବା ପାଇଁ ବୁଦ୍ଧି ଦରକାର । ଯାଉ, ତୁମ ସାଙ୍ଗେ ମିଛରେ କଥା ବଢ଼େଇ କିଛି ଲାଭ ନାହିଁ; ଏଥର ତୁମେ ଯାଇପାର ।"

ସୁବୁଦ୍ଧି ନାୟକ ଉଠି ଧୀରେ ଧୀରେ ଘରଯାଉ ଚାଲିଗଲା ।

ସବ୍‌ଇନସ୍‌ପେକ୍ଟର ଏତେଗୁଡ଼ାଏ ଘଟଣାର ଆକସ୍ମିକତାରେ ଥରେ କେବଳ ଦୀର୍ଘଶ୍ୱାସ ଛାଡ଼ିଲେ । ଚନ୍ଦ୍ରାର ସ୍ମୃତି ଏକାବେଳେ ତାଙ୍କ ମନକୁ ଘୋଡ଼ାଇ ପକାଇଲା ।

ଓ୍ୱେଲେସଲି ଅଞ୍ଚଳଟାରେ ଭଲ ହୋଟେଲର ସଂଖ୍ୟା ଖୁବ୍ କମ୍ । ତା' ଛଡ଼ା ଖୁବ୍ ବେଶି ସଂଖ୍ୟାର ଭଲହୋଟେଲ ଚାଲିବାଭଳି ସ୍ଥାନ ଏଇଟା ନୁହେଁ ।

ତେବେ ଏହା ମଧ୍ୟରେ ସବୁଠାରୁ ବଡ଼ ଏବଂ ପ୍ରଚୁର ଖ୍ୟାତି ଅଖ୍ୟାତି ଯେଉଁ ହୋଟେଲ ସଙ୍ଗେ ଓତଃପ୍ରୋତ ଭାବେ ଜଡ଼ିତ ଅଛି, ତା'ର ନାମ ହେଉଛି 'ହୋଟେଲ ରଯାଲ' ।

ସେଦିନ ଅପରବେଳା ପାଞ୍ଚଟାବେଳକୁ ଖଣ୍ଡିଏ ଚକ୍‌ଚକିଆ ପ୍ଲାଇମାଉଥ୍ ଗାଡ଼ି ଆସି ହୋଟେଲ ରଯାଲ ଆଗରେ ଠିଆ ହେବାର ଦେଖାଗଲା ।

ହୋଟେଲ ଖୋଲା ଅଛି । ତେବେ ବର୍ତ୍ତମାନ ଗହଳି ନାହିଁ, ଗହଳି ହେବା ସମୟ ଏଇଟା ନୁହେଁ, ରାତି ଆଠଟା ପରେ ଭିଡ଼ ଜମିଉଠିବ ।

ତା'ର ଅବଶ୍ୟ କାରଣ ଅଛି ।

ଠିକ୍ ହୋଟେଲ ସମ୍ମୁଖରେ ଗୋଟାଏ ବୃହତ୍ ବୋର୍ଡ଼ ଉପରେ ବଡ଼ ବଡ଼ ଏନାମେଲ ଅକ୍ଷରରେ ଲେଖା ଅଛି—

ରାତ ଆଠଟାରେ ବଲ୍‌ଡ୍ୟାନ୍ସ
ପ୍ରଧାନ ଆକର୍ଷଣ ବୈଦେଶିକ ନୃତ୍ୟବିଶାରଦା ମାୟାରାଣୀ

ଯେଉଁ ଦଳେ ରୂପପିପାସୁ ଲୋକଙ୍କର ତୃଷାର୍ତ୍ତ ଚକ୍ଷୁ ରାତ ଆଠଟା ପରଠାରୁ ହୋଟେଲରେ ଆସି ଭିଡ଼ ଜମାନ୍ତି, ସେମାନଙ୍କ ପାଖରେ ମାୟାରାଣୀର ନାମ ସୁପରିଚିତ, ଯେମିତି ସୁପରିଚିତ ସେମାନଙ୍କ ପାଖେ 'କେରୁସ ହୁଇସ୍କି' ବା 'ଜନ ଓ୍ୱାକର' ବ୍ରାଣ୍ଡି । ଏଇ ଦୁଇଟିର ସମିଶ୍ରଣରେ ରାତ ଆଠଟାରୁ ବାରଟା ପର୍ଯ୍ୟନ୍ତ ଅଜସ୍ର ଘୋ ଘୋ—ହୋ ହାରେ ଜଟିଯାଏ ।

ଅର୍କେଷ୍ଟ୍ରା ନର୍ତ୍ତକୀର ଦେହଭଙ୍ଗିମା, ଦର୍ଶକମାନଙ୍କର ଉଚ୍ଛ୍ୱସିତ ପ୍ରଶଂସା ହୋଟେଲ ଶଗାଳକୁ ସରଗରମ କରିପକାଏ । ମଦ ଆଉ ପୋଡ଼ା ଚୁରୁଟର ଗନ୍ଧରେ ବାୟୁମଣ୍ଡଳ ମଶଗୁଲ ହୋଇଉଠେ ।

ତା'ପରେ ଅର୍କେଷ୍ଟ୍ରା ବାଜିବା ବନ୍ଦ ହୁଏ । ସମସ୍ତ କଳରବ ସ୍ତବ୍ଧ ହୋଇଯାଏ । ଅର୍ଦ୍ଧଉନ୍ମତ୍ତ ଲୋକଗୁଡ଼ିକ ନିଜର ପ୍ରିୟ ନର୍ତ୍ତକୀର ଦେହ ଭଙ୍ଗିମାର ବିଶେଷ ଅଂଶଗୁଡ଼ିକ ଧରି ମନମଧ୍ୟରେ ଖେଳେଇ ହୋଟେଲ ଭିତରୁ ବାହାରି ନିଜ ନିଜର ଗନ୍ତବ୍ୟ ପଥଆଡ଼େ ଆଗେଇଥାଆନ୍ତି ।

ତାଙ୍କର ପ୍ରଳାପ ଆଉ ଉଲ୍ଲାସ ଧ୍ୱନି ଭଦ୍ରଘରର ଗୃହସ୍ଥମାନଙ୍କର ସୁଖନିଦ୍ରାରେ ବ୍ୟାଘାତ ଘଟାଏ ।

ଏ ହେଲା ହୋଟେଲ ଶଗାଳର ଗୋଟାଏ ଅଂଶର ରୂପ ।

ତା'ର ଅନ୍ୟ ଗୋଟାଏ ଅଂଶ ଅବଶ୍ୟ ଅଛି, ସେ ଅଂଶ ବିଷୟରେ ସାମାନ୍ୟ ଜାଣିବା ମଧ୍ୟ ଦରକାର ।

ଉପରବେଳା ପାଞ୍ଚଟାବେଳେ ଯେଉଁ ମୋଟର ଖଣ୍ଡିକ ଆସି ହୋଟେଲ ଶଗାଳ ଆଗରେ ଠିଆହେଲା, ତା ଭିତରୁ ଦୁଇଜଣ ଲୋକ ଓହ୍ଲାଇ ଆସିଲେ ।

ଦୁହିଁଙ୍କର ପୋଷାକ ଦେଖିଲେ ଜଣାଯାଏ, ସେମାନେ ସାଧାରଣ ୟୁରୋପୀୟ ବା ଅମେରିକାନ ଭଦ୍ରଲୋକ ହୋଇଥିବେ ।

କିନ୍ତୁ ପ୍ରକୃତରେ ଏମାନେ ତା ମଧ୍ୟରୁ କୌଣସି ଜାତିର ନୁହନ୍ତି, ଦୁହେଁଯାକ ଖାଣ୍ଟି ଓଡ଼ିଶାର ଲୋକ ।

Deb's Library Corner

ଦୁହିଁଙ୍କର ଛଳ ଛଳ ଚକ୍ଷୁ ଉପରେ ଯେମିତି ସମଗ୍ର ବିଶ୍ୱର ତନ୍ଦ୍ରା ଲାଗି ରହିଛି । ସେମାନେ ଯେ ବିଶେଷ କୌଣସି ନିଶାରେ ଅଭ୍ୟସ୍ତ, ଏଇଟା ସେମାନଙ୍କ ଚେହେରାରୁ ବେଶ୍ ଜଣାପଡୁଥାଏ ।

ହୋଟେଲ ଉପରକୁ ଉଠିଆସିବା ମାତ୍ରେ ମ୍ୟାନେଜର ମହୋଦୟ ମୁଣ୍ଡ ହଲାଇ ବିଚିତ୍ର କାଇଦାରେ ସେମାନଙ୍କୁ ଅଭିବାଦନ ଜ୍ଞାପନ କଲେ ।

ଏଇଟା କିନ୍ତୁ ଭକ୍ତି ବା ଶ୍ରଦ୍ଧାମିଶ୍ରିତ ନୁହେଁ । ପ୍ରତ୍ୟହ ଏଇ ଧରଣର କାମ କରି କରି ମ୍ୟାନେଜରଙ୍କର ଅଭ୍ୟାସ ହୋଇଗଲାଣି ।

ସେ ଜାଣନ୍ତି, ଏ ଭଦ୍ରଲୋକ ଦୁହିଁଙ୍କୁ ହୋଟେଲର ମାଲିକ ଯଥେଷ୍ଟ ସମ୍ମାନ ଓ ଭୟ କରନ୍ତି । ଆଉ ସେ ସାମାନ୍ୟ ଦୁଇଶହ ଟଙ୍କା ଦରମାଖୋରୀ ଚାକର ହୋଇ ତା ନ କଲେ ଯେକୌଣସି ମୁହୂର୍ତ୍ତରେ ତାଙ୍କର ଚାକିରି ଖଣ୍ଡିକ ଚାଲିଯାଇପାରେ ।

ଦୁଇଜଣଯାକ ଦୁମ୍ ଦୁମ୍ ହୋଇ ଏକାମହଲା ପାରହୋଇ ଦୋମହଲା ଆଡ଼େ ଆଗେଇଗଲେ । ମ୍ୟାନେଜରଙ୍କର ଅଭିବାଦନର ପ୍ରତିଅଭିବାଦନ ଜଣାଇବାକୁ ସେମାନେ ଯେମିତି ଭୁଲିଯାଇଛନ୍ତି ।

ମ୍ୟାନେଜର ମହୋଦୟ ନିଜ ମନକୁ ମନ ବଡ଼ ବଡ଼ ହୋଇ କହିବାକୁ ଲାଗିଲେ—ଘୁଷୁରି ଆଗରେ ମୁକ୍ତା ଦେଖାଇ ଲାଭଟା କଣ ବା ନ ଦେଖାଇଲେ କଣ

—"କାହା ଉଦ୍ଦେଶ୍ୟରେ ଏ କଥା କହୁଛ ହେ ?"

ପଛପଟୁ ଗମ୍ଭୀର ଗଳାରେ ଶବ୍ଦ ଶୁଣାଗଲା ।

ମ୍ୟାନେଜର ଫେରିପଡ଼ି ଦେଖିଲେ, ହୋଟେଲର ମାଲିକ ଅବଦୁଲ କରିମ୍ ତାଙ୍କ ପଛରେ ଠିଆ ହୋଇଛନ୍ତି । ତାଙ୍କର ଦୁଇଆଖିରେ ବିରକ୍ତି ଆଉ କ୍ରୋଧ ମିଶି ଏକାକାର ହୋଇଯାଇଛି ।

ମ୍ୟାନେଜରଙ୍କର କଣ୍ଠତାଳୁ ଶୁଖିଗଲା । କୌଣସି ପ୍ରକାରେ ଛେପ ଢୋକି କହିଲେ, "ମନକୁ ମନ କହୁଥିଲି, ସାର୍..."

—"ପସ୍ୱରୁଚି ଗ୍ରାହକର ଖଣ୍ଡିକ ବଜାୟ ରଖିବ, ନା ଖାଇବାକୁ ଖୋଜିବ ?"

—"ନାହିଁ ଆଜ୍ଞା, ସେ କି କଥା !"

—"ସେଭଳି ଲୋକଙ୍କର ସମୟଜ୍ଞାନ ଅଛି, ବୁଝିପାରୁଛ ତ ? ତୁମକୁ ପ୍ରତିନମସ୍କାର ଜଣେଇବା ପାଇଁ ସେମାନଙ୍କର ସମୟ ନଷ୍ଟ ହେବା ଚାଲିବନି ।"

—"କିନ୍ତୁ ମୁଁ ଠିକ୍ ସମ୍ମାନ ଜଣେଇଥିଲି ।"

—"କରିବାକୁ ବାଧ୍ୟ । ଏଇଟା ତୁମର ତ୍ରୁଟି; ସେ କଣ କଲେ ନ କଲେ ସେ ବିଷୟ ନେଇ ଆଲୋଚନା କରିବା ବୁଦ୍ଧିମାନର କାମ ନୁହେଁ, ଅନ୍ତତଃ ଯଦି ତୁମର ଗ୍ରାହକର ଖଣ୍ଡିକ ବଜାୟ ରଖିବାର ଇଚ୍ଛା ଥାଏ ।"

—"ହାଁ, ତ ବୁଝିଲି, ସାର୍ ! କିନ୍ତୁ..."

—"ଏଇ କିନ୍ତୁ ହିଁ ତୁମର ବିପଦ ବଢ଼େଇବ, ମ୍ୟାନେଜର !"

ଅଧିକ କଥାବାର୍ତ୍ତା ନ କରି ଅବଦୁଲ କରିମ୍ ଦ୍ରୁତଗତିରେ ଦୋମହଲା ଆଡ଼େ ଆଗେଇଗଲେ ।

ତାଙ୍କର ଯିବାପରେ ମ୍ୟାନେଜର ଅନ୍ୟ ଆଡ଼କୁ ମୁହଁ ବୁଲାଇ ବିକୃତ ମୁହଁ କରି କହିଉଠିଲେ, "ଧୂର୍ତ୍ତ ଚେଙ୍ଗା ଗ୍ରାହକ !"

ଦୋମହଲାରେ ଥିବା ଗୋଟାଏ ବଖରାର ଦ୍ୱାର ଖଟ୍ ଖଟ୍ ଶୁଣାଗଲା ।

ଭିତରୁ ଗୋଟିଏ ସ୍ତ୍ରୀଲୋକର କଣ୍ଠରୁ ଶୁଣାଗଲା, "ଭିତରକୁ ଆସିପାର ।"

ଲୋକ ଦୁଇଟିଙ୍କ ମଧ୍ୟରୁ ଜଣେ ବାହାରେ ରହିଲା । ଅନ୍ୟ ଜଣକର ଘରଭିତରକୁ ପ୍ରବେଶ କଲା ।

—"ଆଉ ଖବର କଣ, ମିଃ ସ୍ୱାଇଁ ?"

ବଡ଼ ଆଇନା ସମ୍ମୁଖରେ ପ୍ରସାଧନରତା ତରୁଣୀଟିଏ ପ୍ରଶ୍ନ କଲା ।

—"ଏପର୍ଯ୍ୟନ୍ତ ବି ପ୍ରସ୍ତୁତ ହୋଇପାରି ନ, ମାଷ୍ଟରାଣୀ ?"

—"ମାତ୍ର ଅଧଘଣ୍ଟାଏ ହେବ ତୁମର ଫୋନ୍ ପାଇଲି । ଏତେ ଅଳ୍ପ ସମୟ ମଧ୍ୟରେ କିପରି ..."

ମୁହଁ ଉପରେ ପାଉଡରର ପଫ୍‌ଟା ବୁଲେଇ ବୁଲେଇ ମାୟାରାଣୀ ଉତ୍ତର ଦେଲା ।

—"କିନ୍ତୁ ମୁଁ ଏହା ମଧ୍ୟରେ ପ୍ରସ୍ତୁତ ହୋଇ ଚାଲିଆସିଲି ।"

—"ସ୍ତ୍ରୀଲୋକମାନଙ୍କୁ ଟିକିଏ ବେଶି ସମୟ ଲାଗେ ।"

ମାୟାରାଣୀ ଓଠକଣରୁ ହସ ହସିଉଠିଲା ।

—"ବିଶେଷ କରି ତୁମର ସବୁଠାରୁ ଅଧିକ ସମୟ ଦରକାର । ତୁମର ପୋଷାକ ଉପରେ ତ ଅନେକ କିଛି ନିର୍ଭର କରୁଛି ନା ! ଆଚ୍ଛା, ଏଇ ପୁରୁଣା ଶାଢ଼ିଟାକୁ ଆଉ ପିନ୍ଧିବ କାହିଁକି, ମାୟାରାଣୀ ? ଏଇଟା ଆଦୌ ବେଙ୍ଗଲ୍ ଆର୍ଟିଷ୍ଟ, ପାର୍ଟି ସୁଟେବ୍‌ଲ ନୁହେଁ । ତା ଅପେକ୍ଷା ସେଇ ଦାମୀ ଗ୍ରୀନ କଲରର ଶାଢ଼ିଟା ବରଂ..."

—"କାହିଁକି, ଆଜିର ଶିକାରଟା ଖୁବ୍ ଦାମିକା ନା କଣ ?"

—"ହଁ ନିଶ୍ଚୟ ।"

—"ତୁମ କଥାର କୌଣସି ମୂଲ୍ୟ ନାହିଁ, ମି: ପାଣ୍ଡେ !"

—"ତା'ର ମାନେ ?"

—"ସେଥର ତୁମେ କହିଲ ଯେ, ସୁବୁଦ୍ଧି ନାୟକ ଗୋଟାଏ ଖୁବ୍ ବଡ଼ ଶିକାର; କିନ୍ତୁ କାମବେଳେ ପାଞ୍ଚ ହଜାର ବି ମିଳିଲା ନାହିଁ ।"

—"ସେଇଟା କେବଳ ଆମର ଦୋଷ ଯୋଗୁ । ସୁବୁଦ୍ଧିର ଯାହା ଟଙ୍କା ଅଛି, ତାହା ପାଞ୍ଚ ଲକ୍ଷରୁ କିଛି କମ୍ ହେବ ନାହିଁ ।"

—"ତେବେ ଛାଡ଼ିଦେଲ କାହିଁକି ?"

—"ଅପେକ୍ଷା କର, ପୋଲିସର ଧୂମ୍‌ଧାମ୍ ଟିକିଏ କମିଆସିଲେ ପୁଣି ଚେଷ୍ଟା କରାଯିବ । ଓଡ଼ିଶାରୁ ସେ ମୋର ଦଳଗୁଡ଼ା ଚାଲିଆସିବା ପରେ ଏଠାରେ

ଖୁବ୍ ଟଙ୍କାର ମାଲିକ ହୋଇପଡ଼ିବ; କିନ୍ତୁ ମୁକ୍ତେଶ୍ୱର ଜଣେ ଜହୁରୀ ଜାଣେ—'ଯେଉଁ ଯିଏ ଏ ଆମ ଦଳରେ ରହିବ, ତାର ସବୁକିଛି ଆମର ନିଜସ୍ୱ।' ସେଇଟାକୁ ମୁଁ କାମରେ ନିଶ୍ଚୟ ଦିନେ ନା ଦିନେ ଲଗେଇବି।

—"ତା ହେଲେ ଅଳ୍ପ କେତେଦୂର ଯିବାକୁ ହେବ ?"

—"ବାହାରିବା ପରେ କେଉଁଆଡ଼େ ଯାଉଛେ, ସେ କଥା ବୁଝିପାରିବ।"

ମୁହଁର ପାଉଡ଼ର ପ୍ରଲେପଟାକୁ ହାଲୁକା ରୁମାଲ ସାହାଯ୍ୟରେ ମିଶେଇ ଦେଉଁ ଦେଉଁ ମାୟାରାଣୀ କହିଲା, "କିନ୍ତୁ ଏକଥା ମନେ ରଖିବାକୁ ହେବ ଯେ ରାତି ସାତଟା ମଧ୍ୟରେ ଯେମିତି ଫେରିବାକୁ ହେବ। ଏଣେ ଡ୍ୟାନ୍ସର ସମୟ ହୋଇଆସିବ।"

—"ସେସବୁ ଭାବିବା ଦରକାର ନାହିଁ। ଠିକ୍ ସମୟକୁ ଆମେ ଫେରିଆସିବା; ବର୍ତ୍ତମାନ ତ ମୋଟେ ପାଞ୍ଚଟା ବାଜିଛି।"

ସେତେବେଳକୁ ମାୟାରାଣୀ ଓଠଉପରେ ରକ୍ତ ରଙ୍ଗର ଲିପଷ୍ଟିକ୍ ପ୍ରଲେପ ଦେଇସାରି ଗଣ୍ଡ ଉପରେ ହାଲୁକା ଗୋଲାପୀ ସେଡ୍ ଦେଉଥାଏ।

ଶେଷରେ ଭ୍ୟାନିଟି ବ୍ୟାଗ୍‌ଟି ହାତରେ ଝୁଲେଇ ଝୁଲେଇ ମାୟାରାଣୀ କହିଲା।

"I am also ready…"

ଏହି ଦୁଇ ଜଣଙ୍କୁ ଧରି ପ୍ଲାଇମାଉଥ ଗାଡ଼ିଖଣ୍ଡିକ ତୀବ୍ର ଗତିରେ ଆଗେଇ ଚାଲିଲା ମହାନଗରୀର ମସୃଣ ପଥ ଧରି।

ହୋଟେଲ ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ଜଣେ ବେଶ୍ ସୁସ୍ଥବଦନ ଭଦ୍ରଲୋକ ଆସି ଠିଆ ହେଲେ।

ସମ୍ମାନରେ ମ୍ୟାନେଜର ପଚାରିଲେ, "କାହାକୁ ଖୋଜୁଛନ୍ତି ?"

—"ଏ ହୋଟେଲରେ ମାୟାରାଣୀ ନାମ୍ନୀ କୌଣସି ସ୍ତ୍ରୀଲୋକ…"

ମ୍ୟାନେଜର ବୁଝିଲେ, ଜଷ୍ଟିସ୍ କୌଣସି ନାମଜାଦା ଗ୍ରାହକ । ସହାସ୍ୟ ମୁଖରେ କହିଲେ, "ଜଷ୍ଟିସ୍ ସାର୍ ! ଆପଣଙ୍କର ତାଙ୍କ ସହିତ କଣ ଦରକାର ଅଛି ?"

—"ହଁ, ଥିଲା; କିନ୍ତୁ ସେ ବୋଧହୁଏ ..."

—"ହଁ, ବାହାରି ଯାଇଛନ୍ତି ।"

—"କେବେ ?"

—"ଯେକୌଣସି ଦିନ ରାତ୍ର ଆଠଟା ପରେ ଆସିପାରନ୍ତି । ସେ ବଲ୍ ଡ୍ୟାନ୍ସରେ ଅଂଶ ଗ୍ରହଣ କରନ୍ତି ।"

ଭଦ୍ରଲୋକ ଖଣ୍ଡିଏ ପାଞ୍ଚଟଙ୍କିଆ ନୋଟ୍ ମ୍ୟାନେଜରଙ୍କ ହାତରେ ଦେଇ କହିଲେ, "ଧନ୍ୟବାଦ ! ଆଜି ତାହେଲେ ଯାଉଛି; ପୁଣି ଦେଖାହେବ ।"

ଲୋକଟିର ମୁହଁରେ ଫୁଟିଉଠିଲା ରହସ୍ୟର ହସ ।

ଆକସ୍ମିକ ଅର୍ଥପ୍ରାପ୍ତିର ଆନନ୍ଦରେ ମ୍ୟାନେଜରଙ୍କ ମନରେ ଲୋକଟି ପ୍ରତି କୌଣସି ସନ୍ଦେହ ହେଲାନି ।

ପୁଣି କଳିଙ୍ଗ ରେଷ୍ଟୋଡ଼ ହାଉସ୍ ।

ଏଥର ଆଉ ମାଲିକ ସୁବୁଦ୍ଧି ନାୟକ ନୁହେଁ । ଛଅ ନମ୍ବର କୋଠରୀରେ ରହୁଥିବା ଧନୀ ବିଦେଶୀ ବ୍ୟବସାୟୀ ଅଯୋଧ୍ୟାମଲ୍ଲ ଝୁଣ୍ଡୁୱାଲ । ବିଖ୍ୟାତ ଧନୀ; ସହରରେ ତିନିଚାରିଟା କୋଠା, କିନ୍ତୁ ସବୁ କୋଠାଗୁଡ଼ିକ ଭଡ଼ା ଦିଆଯାଇଛି । ମାସଶେଷକୁ ମୋଟା ଟଙ୍କାର ଭଡ଼ା ଆଦାୟ ହୁଏ । ଆଉ ନିଜେ ସସ୍ତ୍ରୀକ ଏଇ କଳିଙ୍ଗ ରେଷ୍ଟୋଡ଼ ହାଉସର ଛଅନମ୍ବର କୋଠରୀରେ ରହନ୍ତି ।

ଲୋକେ ପଚାରିଲେ ଅଯୋଧ୍ୟାମଲ୍ଲ କହନ୍ତି, "ଏତେ ଘରର କଣ ଦରକାର ! ତା ଅପେକ୍ଷା ଏଇ ବେଶ୍ ଭଲ । ଶ୍ରେଷ୍ଟ ସ୍ଥାନରେ ରହିଲେ ବେଶ୍ କିଛିଟା ସ୍ୱାଚ୍ଛନ୍ଦ୍ୟ ମିଳିଥାଏ; ବଡ଼ଘର ହେଲେ ଖର୍ଚ୍ଚ ବି ବହୁତ ହୁଏ ।"

ସେଥିପାଇଁ ଅନେକେ କହନ୍ତି, "ଅଯୋଧ୍ୟାମଲ୍ଲଙ୍କ ଜନ୍ମରୁ ଗୋଠା; ପିଲା ନାହିଁ, ପିଚିକା ନାହିଁ—ଏତେ ଟଙ୍କା ଜମେଇ କି ଲଭ ?

ସେଦିନ ସନ୍ଧ୍ୟା ଛଅଟା ।

ତିନି ନମ୍ବର କୋଠରିର କବାଟରେ ଖଡ଼୍ ଖଡ଼୍ ଶୁଣାଗଲା ।

—"କିଏ ?" ଅଯୋଧ୍ୟାମଲ୍ଲ ଦୁଆରଆଡ଼େ ଆଗେଇଗଲେ ।

—"ସୂର୍ଯ୍ୟକୁମାର ରାୟ, ସାର୍ ! ଦୁଆର ଖୋଲନ୍ତୁ ।"

ଦୁଆର୍ ଫିଟାଇ ଅଯୋଧ୍ୟାମଲ୍ଲ ଦେଖିଲେ, ଜଣେ ପୁରୁଷ ଆଉ ଜଣେ ସ୍ତ୍ରୀଲୋକ ଠିଆ ହୋଇଛନ୍ତି । ଦୁହିଁଙ୍କର ବେଶଭୂଷାରେ ବିପୁଳ ଆଭିଜାତ୍ୟର ଚିହ୍ନ ତେବେ ଅଯୋଧ୍ୟାମଲ୍ଲ ଦୃଷ୍ଟି ବେଶି ଆକୃଷ୍ଟ ହେଲା ସ୍ତ୍ରୀଲୋକଟି ଆଡେ । ତା'ର ଗଳାରେ ଝୁଲୁଥିବା ଦାମୀ ହୀରାବସା ହୋଇଥିବା ନେକ୍‌ଲେସ୍‌ଟି ଆଡ଼େ ଚାହିଁ ସେ ମନେ ମନେ ଭାବିଲେ—ଏଗୁଡ଼ିକ ଅସଲ ହୀରା ହୋଇଥିଲେ ତା'ର ଦାମ୍ କମ୍‌ସେ କମ୍ ପଚିଶ ହଜାର ଟଙ୍କାରୁ କମ୍ ହେବ ନାହିଁ ।

—"ନମସ୍କାର ମି: ତିଓ୍ୱାରୀ !"

—"ନମସ୍କାର, ମି: ରାୟ ! ତା'ପରେ, ଆପଣଙ୍କର ଆଉ ଖବର କ'ଣ ?"

ମୃଦୁହସର ରେଖା ଫୁଟାଇ ସୂର୍ଯ୍ୟକୁମାର ରାୟ ଓରଫ ଦସ୍ୟୁ ବ୍ରଜକିଶୋର କହିଲେ, "ଖବର ସବୁ ଭଲ । ସବୁ ଠିକ୍‌ଠାକ୍ କରିସାରିଛି; ଆମ କମ୍ପାନୀର ନାମ 'ରୂପରଞ୍ଜନ ଲିମିଟେଡ୍' ଦିଆଯାଇଛି; କେମିତି ଭଲ ହେବନି ?'

—"ପ୍ରକୃତରେ ଚମତ୍କାର ନାମ !" ଏକ ଅପୂର୍ବ ଭଙ୍ଗୀରେ ମାୟାରାଣୀ କହିଲା ।

ବିଗଳିତ ହସହସି ଅଯୋଧ୍ୟାମଲ୍ଲ ତିଓ୍ୱାରୀ ସୂର୍ଯ୍ୟକୁମାର ରାୟଙ୍କୁ ଚାହିଁ କହିଲେ, "ଏ ମହାଶୟାଙ୍କ ସହିତ ପରିଚୟ ହେଲାଣି ତ !"

ସୂର୍ଯ୍ୟକୁମାର ରାୟ ଦ୍ୱିଧାହୀନ କଣ୍ଠରେ କହିଲେ, "ଏ ଆମର ବହିରେ ନାୟିକାର ଭୂମିକାରେ ଅବତୀର୍ଣ୍ଣ ହେବେ ।"

ଅଯୋଧ୍ୟାମଲ୍ଲ ଝୁଣ୍ୱାଲା ତାଙ୍କର ଦୃଷ୍ଟି କେତେ ଥର ମାୟାରାଣୀ ଉପରେ ଖେଳାଇ ନେଇ କହିଉଠିଲେ, "ପ୍ରକୃତରେ ଚମତ୍କାର ମାନବ । ଆମର ପିକ୍‌ଚର ହିଟ୍ କରିବାକୁ ବାଧ୍ୟ; କଣ କହୁଛନ୍ତି, ମି: ରାୟ ?"

ସୂର୍ଯ୍ୟକୁମାର ରାୟ ସେ କଥାରେ ବିନ୍ଦୁମାତ୍ର ମନୋଯୋଗ ନ ଦେଇ ଗୋଟାଏ ସିଗାରେଟ୍ ଧରାଇଲେ । ତା ପରେ ଦାମୀ ସିଗାରେଟ୍ ଟିଣଟା ଅଯୋଧ୍ୟାମଲ୍ଲଙ୍କ ଆଡ଼କୁ ଆଗେଇ ଧରିଲେ ।

ଅଯୋଧ୍ୟାମଲ୍ଲ ଗୋଟିଏ ସୁଦୀର୍ଘ ଟାଣ ଦେଇ ଧୂଆଁ ଛାଡ଼ୁ ଛାଡ଼ୁ କହିଲେ, "ତା'ପରେ ଷ୍ଟୋରୀ କାହାର ନଉଚନ୍ତି ?"

ସୂର୍ଯ୍ୟକୁମାର ରାୟ ଧୂଆଁର ରିଙ୍ଗ ଛାଡ଼ୁ ଛାଡ଼ୁ କହିଲେ, "ବମ୍ବେର ବିଖ୍ୟାତ ଫିଲ୍ମ ଷ୍ଟୋରୀ ଲେଖକଙ୍କୁ ଟେଲିଗ୍ରାମ୍ କରିଚି, ଦୁଇଖଣ୍ଡ ଖୁବ୍ ଭଲ ବହି ପଠେଇବାକୁ ।"

—"ଭେରି ଗୁଡ୍ !" ଅଯୋଧ୍ୟାମଲ୍ଲ ଉଠି ଠିଆ ହେଲେ ।

ମାୟାରାଣୀ ଅଯୋଧ୍ୟାମଲ୍ଲଙ୍କର ବାମପାଖ କାଉଚ୍‌ରେ ଆସି ବସିପଡ଼ିଲା । ତାଙ୍କ ଆଡ଼େ ବଙ୍କିମ ମୃଦୁ କଟାକ୍ଷ ହାଣି କହିଲା, "ବସନ୍ତୁ ନା ମି: ଝୁଣ୍ୱାଲା ! ଏପରି ଠିଆ ହେଲେ କଥାବାର୍ତ୍ତା ହବ ?"

ଅଯୋଧ୍ୟାମଲ୍ଲ ଏ ଆହ୍ୱାନକୁ ଉପେକ୍ଷା କରିପାରିଲେନି । ସେ ମାୟାରାଣୀର ଠିକ୍ ପାଖରେ ବସିପଡ଼ି କହିଲେ, "ଏହା ପୂର୍ବରୁ ଆପଣ କୌଣସି ବହିରେ ଅଭିନୟ କରିଛନ୍ତି ନା କଣ ?"

ସୂର୍ଯ୍ୟକୁମାର ରାୟ କହିଉଠିଲେ, "ନା, ଫ୍ରେଶ୍ ଫିଗରର ଦାମ୍ ଫିଲ୍ମ ୱାର୍ଲ୍ଡରେ ବେଶୀ । ବର୍ତ୍ତମାନ ଏ କଲିକତାର ବିଖ୍ୟାତ ନର୍ତ୍ତକୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ତେବେ ଫିଲ୍ମ ଜଗତରେ ତାଙ୍କର ପ୍ରଥମ ପ୍ରବେଶ; ଏହାଙ୍କର ନୂତନ ନାମକରଣ କରାଯାଇଚି । ଫିଲ୍ମ ଜଗତରେ 'ରୂପବାଳା' ନାମରେ ପରିଚିତ ହେବେ ।"

—"ବେଶ୍ ଭଲ ନାମ । ଠିକ୍ ଏହାଙ୍କର ଚେହେରା ଅନୁସାରେ ନାମଟା ଖାପ ଖୁଆଇ ଦେଇଛନ୍ତି, ମି ରାୟ ! ପ୍ରକୃତରେ ଫିଲ୍ମ ଡାଇରେକ୍ଟର କାମ ଆପଣଙ୍କଭଳି ଲୋକମାନଙ୍କ ପାଇଁ ଉପଯୁକ୍ତ ।" ସିଗାରେଟ୍‌ରେ ଟାଣ ଦେଇ ଦେଇ ଅଯୋଧ୍ୟାମଲ୍ଲ ଉଚ୍ଛ୍ୱାସ କହିଲେ ।

ବିନୟପୂର୍ଣ୍ଣ ଭଙ୍ଗୀକରି ସୂର୍ଯ୍ୟକୁମାର ରାୟ କହିଲେ, "କଣ ଯେ ଆପଣ କହନ୍ତି ।"

ଅଯୋଧ୍ୟାମଲ୍ଲ କଣ କହିବାକୁ ଯାଉଥିଲେ, ବାଧାଦେଇ ମାୟାରାଣୀ କହିଉଠିଲା, "ଏଥର କାମର କଥା ଶେଷ କରନ୍ତୁ, ମି: ରାୟ ! ଆଠଟା ବେଳେ ମୋର ଡ୍ୟାନ୍‌ସ ଅଛି; ବର୍ତ୍ତମାନ ଉଠିବାକୁ ହେବ ।"

ଯେମିତି ଅକସ୍ମାତ ଭାବରେ ସ୍ୱସ୍ତିର ନିଃଶ୍ୱାସ ମାରିପକାଇଲେ, ଏଭଳି ଗୋଟାଏ ଭଙ୍ଗୀ କରି ସୂର୍ଯ୍ୟକୁମାର ରାୟ କହିଲେ, "ହୁଁ, ହୁଁ, ଏଥର କାମ କଥାଟା— ମାନେ ଏଇ ଷ୍ଟୁଡ଼ିଓ ବିଷୟଟା, ସାର୍ !"

—"କଣ, କହନ୍ତୁ !" ଗମ୍ଭୀର କଣ୍ଠରେ ଅଯୋଧ୍ୟାମଲ୍ଲ କହିଲେ ।

—"ଷ୍ଟୁଡ଼ିଓର ଫ୍ଲୋର ଭଡ଼ା କରିବାକୁ ହେବ । ଅଭିନେତା ଅଭିନେତ୍ରୀମାନଙ୍କୁ ବୁକ୍ କରିବାକୁ ହେଲେ ଆଗତୁରା କିଛି ଦେବାକୁ ହେବ । ତା'ପରେ ମିଉଜିକ୍ ଡାଇରେକ୍ଟର, ଆର୍ଟ ଡାଇରେକ୍ଟର, କିଛି ଫିଲ୍ମ କିଣାଯିବ "

ବାଧାଦେଇ ଅଯୋଧ୍ୟାମଲ୍ଲ କହିଲେ, "ଆପଣଙ୍କର ଲିଷ୍ଟ ବର୍ତ୍ତମାନ ରଖନ୍ତୁ ମି: ରାୟ, ପର୍ବରୁ ତ, ମୋଟାମୋଟି ବର୍ତ୍ତମାନ କେତେ ହେଲେ ଚଳିବ ?"

—"ବେଶି ନୁହେଁ ସାର୍, ବେଶି ନୁହେଁ । ଟଙ୍କା ପନ୍ଦର ହଜାର ହେଇଗଲେ ମୁଁ ସବୁ ମ୍ୟାନେଜ କରିନେବି ।"

—"ଅଚ୍ଛା, ସେତିକି ନିଅନ୍ତୁ ।"

ଅଯୋଧ୍ୟାମଲ୍ଲ ଡ୍ରୟର ଭିତରୁ ଚେକ୍ ବହି ବାହାର କରି ପନ୍ଦର ହଜାର ଟଙ୍କାର ଖଣ୍ଡିଏ ଚେକ୍ ଲେଖି ସୂର୍ଯ୍ୟକୁମାର ରାୟଙ୍କ ହାତରେ ଦେଲେ ।

ସୂର୍ଯ୍ୟକୁମାର ସସ୍ମ ହସି କହିଲେ, "ଆଜ୍ଞା ତା'ହେଲେ ଆସୁଛି — ଗୁଡ୍‌ବାଇ ।"

ବାହାର ଯାଉଁ ଯାଉଁ ହଠାତ୍ ପଛକୁ ଫେରିପଡ଼ି ମାୟାବିଣୀ ତା'ର ଓଷ୍ଠାଗ୍ରତ ଟେକି ଗୋଟାଏ ଚଟୁଳ ଭଙ୍ଗୀରେ ମୃଦୁ ହସି କହିଲା, "ଟା ଟା "

ଅଯୋଧ୍ୟାମଲ୍ଲଙ୍କର ଏକାଗ୍ର ଦୃଷ୍ଟି ମାୟାବିଣୀ ଉପରେ ଥାଏ । ତାଙ୍କର ଦୃଷ୍ଟି ସଙ୍ଗେ ସଙ୍ଗେ ସାରା ମନଟା ବି ବୋଧହୁଏ ମାୟାବିଣୀ ଜୟ କରିପକାଇଛି ।

କିନ୍ତୁ ଅଯୋଧ୍ୟାମଲ୍ଲ ଝିଅଟା ବୋଧହୁଏ ସେତେବେଳେ ଧାରଣା ବି କରିପାରି ନାହାନ୍ତି ଯେ ଉଜ୍ଜ୍ୱଳ ସିଲ୍କ ଶାଢ଼ି ପିନ୍ଧା, ସୁରୂପା, ଦାମୀ ହୀରାର ନେକ୍‌ଲେସ୍ ପିନ୍ଧିଥିବା ଏଇ ତରୁଣୀଟି ଜୀବନରେ ଆଉ କୌଣସି ଦିନ ହେଲେ ବଲିଙ୍ଗ ରେଷ୍ଟେଡ୍ ହାଉସରେ ପାଦ ପକେଇବନି !

ହୋଟେଲ ଶଗାଲରେ ଡୁଏଟ ଡ୍ୟାନ୍ସ ଚାଲିଥିଲା ।

ଦର୍ଶକବୃନ୍ଦଙ୍କ ଉଚ୍ଛ୍ୱାସ, ଆଲୋକର ପ୍ରାଚୁର୍ଯ୍ୟ, ଆନନ୍ଦର ଚଟୁଳ ବହିଃପ୍ରକାଶ । ଆଉ ତା ସହିତ ବାଦ୍ୟଯନ୍ତ୍ରର ଉଦ୍‌ବେଳ ପ୍ରବାହ ।

ହଠାତ୍ ସାତ ନମ୍ବର ବକ୍ସରେ ଗୋଟାଏ ଆର୍ତ୍ତ ଚିତ୍କାର ଶୁଣାଗଲା ! ଯେମିତି ମୁମୂର୍ଷୁର ଅନ୍ତିମ କ୍ରନ୍ଦନ ! ମୃତ୍ୟୁପଥଯାତ୍ରୀର ଶେଷ ଦୀର୍ଘଶ୍ୱାସ ବୋଧହୁଏ କୌଣସି ଗୋଟିଏ ହତଭାଗ୍ୟର ଜୀବନଦୀପ ନିର୍ବାଣର ସଙ୍କେତ ଘୋଷଣା କଲା !

ଦର୍ଶକମାନେ ଏକାଥରେ ଚିତ୍କାର କରିଉଠିଲେ ।

ଦପ୍ କରି ସବୁ ଆଲୁଅଗୁଡ଼ିକ ଏକାଥରେ ଜଳିଉଠିଲା । ସାରା ହୋଟେଲବ୍ୟାପୀ କୋଳାହଳ ଆରମ୍ଭ ହୋଇଗଲା ।

ଟିକିକ ପରେ ଗୋଟାଏ ଖବର ସମସ୍ତଙ୍କ ମୁହଁରୁ ଶୁଣିବାକୁ ମିଳିଲା, ସାତ ନମ୍ବର ବକ୍ସରେ ଜଣେ ଲୋକ ନିହତ ହୋଇଛି । ଛାତିର ଠିକ୍ ପଞ୍ଜରରେ

ଗୋଟାଏ ବୃହତ୍ ଝୁଷ୍ପ ଏପଟ ସେପଟ ଝୁଲିଯାଉଛି । ଆତତାୟୀର କୌଣସି ଖୋଜ ମିଳୁନ ।

ମ୍ୟାନେଜର ଫୋନ୍ ଟେକିଲେ—ହ୍ୟାଲୋ, ପୁଲିସ ଷ୍ଟେସନ…

ଏପଟେ ହୋଟେଲ ରିଗାଲର ଡୋମହଲର କକ୍ଷ ଭିତରେ ମାୟାରାଣୀ ହାତରେ ଗୋଟିଏ ବ୍ୟାଗ୍ ଗୁଞ୍ଜି ଦେଇଁ ଦେଇଁ ସୂର୍ଯ୍ୟକୁମାର ରାୟ ଓରଫ ଦସ୍ୟୁ ବ୍ରଜକିଶୋର କହିଲା, "ଏଇଟାକୁ ଭଲକରି ରଖିଦିଅ ସେଇ ଗୁପ୍ତ ଖୋପରେ । ମୋତେ ବର୍ତ୍ତମାନ ଏଠାରୁ ପଳେଇବାକୁ ହେବ ।"

ମାୟାରାଣୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "କାହିଁକି ?"

—"ବର୍ତ୍ତମାନ ହୋଟେଲକୁ ପୋଲିସ ଆସିବ ।"

—"ପୋଲିସ ?"

—"ହଁ, ୩୨ ନମ୍ବର ବକ୍ସରେ ଗୋଟାଏ ଖୁଣ୍ ହୋଇଛି ।"

—"କିଏ ତାକୁ ଖୁଣ୍ କଲା ?"

—"ସେକଥା ଜାଣି ତୁମର କିଛି ଲାଭ ନାହିଁ । ଏହା ଭିତରେ ଯାହା ଅଛି, ତା'ର ମୂଲ୍ୟ ପଚିଶ ହଜାରରୁ କମ୍ ହେବ ନାହିଁ । ଆଚ୍ଛା, ମୁଁ ବର୍ତ୍ତମାନ ଯାଉଛି, ପଛପଟର ଗହଣ୍ଡ ସିଡ଼ି ଦେଇ ଓହ୍ଲେଇଯିବି ।"

ଦସ୍ୟୁ ବ୍ରଜକିଶୋରର ଶରୀର ରାତିର ଅନ୍ଧାରଘେରା ଅନନ୍ତ କଳାପଦବନକା ହଡ଼ାନରେ ଅଦୃଶ୍ୟ ହୋଇଗଲା ।

ମାୟାରାଣୀ ଶୁଣିବାକୁ ପାଇଲା, ଅପସୃୟମାଣ ମୋଟର ଇଞ୍ଜିନ୍‌ର କ୍ଷୀଣ ଗର୍ଜନର ଶବ୍ଦ ।

ଖବରଟା ପହଞ୍ଚିବା ମାତ୍ରେ ଓ୍ୱେଲେସଲି ପୋଲିସ ଷ୍ଟେସନକୁ ଯେପରି ଚଞ୍ଚଳ କରିପକେଇଲା । ହୋଟେଲ ରିଗାଲର ଏହି ଡାକଘରେ ଯେମିତି

Deb's Library Corner

ଟେପ୍‌ଲସର ଅଳସ ଭାଙ୍ଗି ଯାଇଚ । ସବ୍‌ଇନସ୍‌ପେକ୍ଟର ସଦଳବଳେ ଘଟଣା ସ୍ଥଳକୁ ଧାଇଁଲେ ।

ସବୁ କିଛୁ ଗତାନୁଗତିକ ତଦନ୍ତ ଆଜି କେସ ଶେଷ ହେଲା । ଏ ହତ୍ୟା ରହସ୍ୟବହୁଳ ନାଟକ କିଏ, ସେ ବିଷୟରେ ସବ୍‌ଇନସ୍‌ପେକ୍ଟର କୌଣସି ସୂତ୍ର ଆବିଷ୍କାର କରିପାରିଲେନି ।

ସେ କେବଳ ଏତିକି ମାତ୍ର ଜାଣିପାରିଲେ ଯେ, ନିହତ ବ୍ୟକ୍ତିର ଘର କଟେଜସ୍ଥ ଅଞ୍ଚଳରେ । ସେଠାରେ କେତେଗୁଡ଼ିଏ ଗ୍ଲେଟକୋଟର ବ୍ୟବସାୟ ସହିତ ତା'ର ସମ୍ବନ୍ଧ ଅଛି । ତା'ଛଡ଼ା କଲିକତାରେ ତା'ର ଗୋଟିଏ ସ୍କୁଲ କାରଖାନା ଓ ଗୋଟିଏ ଗ୍ଲେଟ ମନୋହରୀ ଦୋକାନ ମଧ୍ୟ ଅଛି ।

ଘଗ୍ଟ ଅନ୍ଧକାର ଭିତରେ ଏ ଯେମିତି ସାମାନ୍ୟ ଆଲୋକରେଖା ବି ନୁହେଁ । ଏଇ ଟିକିକ ଅବଲମ୍ବନ କରି ଆଗେଇଗଲେ ସେଥିରେ ସଫଳତାର ବିଶେଷ କିଛୁ ଆଶା ବି ଉଠିବନି ।

ସବ୍‌ଇନସ୍‌ପେକ୍ଟର ଯେତେବେଳେ ହତାଶ ହୋଇ ଫେରିଯାଉଥିଲେ, ସେତିକିବେଳେ ଜଣେ କନେଷ୍ଟବଲ ଆସି ତାଙ୍କୁ ସାଲ୍ୟୁଟ ଦେଇ କହିଲା, "ସାର୍, ସେ ଲୋକଟାର ଗୋଡ଼ରେ ଥିବା ଜୋତା ଭିତରୁ ଏ କାଗଜଟା ମିଳିଛି ।"

—"ସେଇଟା କଣ ?"

—"ଦେଖନ୍ତୁ ସାର୍, ଜୋତା ଭିତରେ ଲୁଚାଇ ରଖିଥିଲା ।"

ସବ୍‌ଇନସ୍‌ପେକ୍ଟର କାଗଜର ଭାଙ୍ଗ ଖୋଲି ପଢ଼ିବାକୁ ଲାଗିଲେ ।

ଖଣ୍ଡିଏ ପତଳା କାଗଜରେ ଟାଇପ୍ କରାଯାଇଚ ।

କଳିଙ୍ଗ ରେଷ୍ଟୋଡ଼୍ ହାଉ

ପ୍ରିୟ ମି: ଗୁପ୍ତ,

ତୁମକୁ ଯାହା କୁହାଯାଇଛି, ସେଇ ଅନୁସାରେ ଯେପରି କାମ ହୁଏ ସେଥିପ୍ରତି ଦୃଷ୍ଟି ଦେବ । ମିଛରେ ଗୋଳମାଳ କରି ଜିନିଷଟାକୁ ବୁଟଲେଇବନି ଯେମିତି ।

ସେପର୍ଯ୍ୟନ୍ତ ବ୍ୟବସ୍ଥା ଶେଷକରି ତୁମେ ଖୁବଶୀଘ୍ର ମୋ ସହିତ ଦେଖାକର । ମାଲପାଇଁ ତୁମର ଯାହା ପ୍ରାପ୍ୟ ତାହା ତୁମେ ପାଇବ । ମୋ କଥା କେବେ ଏପର୍ଯ୍ୟନ୍ତ ସେପଟ ହୁଏନି; ତୁମ କଥା ଉପରେ ମୁଁ ବୋଧହୁଏ ବିଶ୍ୱାସ କରିପାରେ ।

ଆଜି ଆସୁଚ ଜାଣି ସବୁକିଛୁ ପ୍ରସ୍ତୁତ କରି ରଖିଲି; ଶୁଭେଚ୍ଛା ନେବ ।

ଭବଦୀୟ

ସୁବୃତି ନାୟକ

କଳିଙ୍ଗ ରେଷ୍ଟୋରାଣ୍ଟ୍ ହାଉସ୍ ଆଉ ସୁବୃତି ନାୟକ ।

ଅଶ୍ଚର୍ଯ୍ୟ ଯୋଗାଯୋଗ !

ସବ୍‌ଇନସ୍‌ପେକ୍ଟରଙ୍କ ମୁଣ୍ଡ ଭିତର ଦେଇ ଯେପରି ବିଦ୍ୟୁତ୍ ତରଙ୍ଗଟିଏ କମ୍ପନ ଖେଳିଗଲା । ଅଳ୍ପ କେତେକ ଆଗରୁ କଳିଙ୍ଗ ରେଷ୍ଟୋରାଣ୍ଟ୍ ହାଉସ୍‌ରେ ଅନୁଷ୍ଠିତ ଘଟଣାଗୁଡ଼ିକ ତାଙ୍କର ମନମଧ୍ୟରେ ଗୋଟି ଗୋଟି ଜାଗିଉଠିଲା ।

ବର୍ତ୍ତମାନ ଏଣ୍ଡାଲ ଥାନା ସହିତ ଯୋଗାଯୋଗ ସ୍ଥାପନ କରିବା ଉଚିତ । ସେ ଟେଲିଫୋନ୍ ଉଠାଇ ଏଣ୍ଡାଲ ଥାନାର ଇନସ୍‌ପେକ୍ଟରଙ୍କ ସହିତ ଯୋଗାଯୋଗ ସ୍ଥାପନ କଲେ ।

—"ହ୍ୟାଲୋ, ଅପଣ କଣ ଇନସ୍‌ପେକ୍ଟର ?"

—"ହଁ ।"

—"ନମସ୍କାର ! ମୁଁ ରେଲୱେ ପୋଲିସ ଷ୍ଟେସନ ସବ୍‌ଇନସ୍‌ପେକ୍ଟର କହୁଛି ।"

—"ଧନ୍ୟବାଦ ! ଆଉ ଘଟଣା କଣ ? ଏତେ ଜରୁରୀ ଯେ !"

—"ହଁ, କଳିଙ୍ଗ ରେଷ୍ଟୋରାଣ୍ଟ୍ ହାଉସ୍ ସମ୍ବନ୍ଧୀୟ କେସ୍‌ଟା ତ ଆପଣଙ୍କ ହାତରେ ଅଛି; ସେଇ ସମ୍ପର୍କରେ "

—"କୌଣସି ନୂଆ କ୍ଲୁ ନା କଣ ?"

—"ହଁ, ତା ସହିତ ଯୋଗାଯୋଗ ଥିବା ଗୋଟାଏ ମର୍ଡ଼ର କେଶ୍ ଆମ ଇଲାକାରେ ଘଟିଛି । ଶୁଣନ୍ତୁ ..."

ତା ପରେ ଯେଉଁସବୁ କଥାବାର୍ତ୍ତା ସେମାନେ ଆରମ୍ଭ କଲେ, ତାହା ସାଧାରଣଙ୍କର ଶୁଣିବାକୁ ପତ୍ର ନୁହେଁ । ପୋଲିସ କୋଡ଼୍ର ଭାଷା ଅନୁସାରେ ସେମାନଙ୍କ ଆଳାପ ଚାଲିଲା ।

ସେଦିନ ଜୟନ୍ତ ଆସି ଲାଲବଜାର ପୋଲିସ ଷ୍ଟେସନର ଡେପୁଟି କମିଶନର ମିଃ ମୁଖାର୍ଜୀଙ୍କ ସଙ୍ଗେ ଦେଖାକଲା । ଦୁଇ ବନ୍ଧୁଙ୍କର ଦୀର୍ଘଦିନ ପରେ ମିଳନ ଏକ ମଧୁର ଆନନ୍ଦରେ ଭରପୁର ହୋଇଉଠିଲା ।

ମଧ୍ୟାହ୍ନ ଭୋଜନାନ୍ତ ପରେ ଦୁଇ ବନ୍ଧୁ ପୋଲିସ ଷ୍ଟେସନରେ ବସି କଥାବାର୍ତ୍ତା ହେଉ ହେଉ ମିଃ ମୁଖାର୍ଜୀ କହିଲେ, "ଗୋଟାଏ ଜରୁରୀ ପ୍ରୟୋଜନରେ ତୁମକୁ ଡକେଇ ଆଣିବାକୁ ବାଧ ହୋଇଚି, ମିଃ ପାଣିଗ୍ରାହି !"

—"କଣ କହୁଚ, କୁହ ।"

ମିଃ ମୁଖାର୍ଜୀ କଳିଙ୍ଗ ରେଷ୍ଟ୍ ହାଉସ୍ ଘଟଣା ସଂକ୍ରାନ୍ତରେ ମିଳିଥିବା ରିପୋର୍ଟ ଫାଇଲ ଫର୍ଦ୍ଦି ଜୟନ୍ତ ହାତକୁ ବଢ଼େଇ ଦେଲେ ।

ଜୟନ୍ତ ଆମୂଳଚୂଳ ପଢ଼ିସାରିବା ପରେ ତା ମୁହଁରେ ଖେଳିଗଲା ଉତ୍ଫୁଲତାର ରେଖା । ସେ କହିଲା, "କେବଳ ଏତିକ ନା ଆଉ କିଛି ଅଛି ? Scoundrel ଯେ ଏଠାରେ ଆସି ଅଭିଯାନ ଆରମ୍ଭ କରିଦେଲାଣି, ସେକଥା ମୁଁ ଆଦୌ ଜାଣିବ ପାରିନ ।"

—"ତୁମେ ତାହେଲେ ତା ବିଷୟରେ କିଛି ଜାଣ ?"

—"ନିଶ୍ଚୟ, ଏଇ ଅଢ଼େଇବର୍ଷ ଆଗରୁ ଗୋଟାଏ କେସ୍ରେ ମୁଁ ତାକୁ ଧରେଇ ଦେଇଥିଲି । କିଛିଦିନ ପରେ ଲୋକଟା ତାର ସାଥୀମାନଙ୍କ ଚେଷ୍ଟାରେ ଜେଲର କାନ୍ଥ ଫୁଟେଇ ଖସିଆସିଚି ।"

ଜୟନ୍ତ କଥା ଶୁଣି ମି: ମୁଖାର୍ଜି ଆଜି ପର୍ଯ୍ୟନ୍ତ ଘଟିଥିବା ଘଟଣାଗୁଡ଼ିକ କହିଗଲେ ଏବଂ ଶେଷରେ କହିଲେ, "ଏ କେସ୍‌ଗୁଡ଼ାକର ଦାୟିତ୍ୱ ମୁଁ ତୁମ ହାତରେ ଦେଉଛି; ଆଶାକରେ ତୁମେ ମୋର ଅନୁରୋଧ ରକ୍ଷା କରିବ ।"

—"ଚେଷ୍ଟା କରିବି । ଆଚ୍ଛା, କଳିଙ୍ଗ ରେଷ୍ଟହାଉସ୍‌ରେ ଫୋନ୍ ବ୍ୟବସ୍ଥା ଅଛି ?"

—"ହଁ, ଅଛି । ନମ୍ବର ହେଲା—ଓ୍ୟାନ୍ ଏଇଟ୍ ଡବଲ ଥ୍ରୀ କଲେ ।"

ଜୟନ୍ତ ଯୋଗାଯୋଗ ଉଦ୍ଦେଶ୍ୟରେ ଫୋନ୍ ଉଠାଇଲା ।

—"ହାଲୋ, ଓ୍ୟାନ୍ ଏଇଟ୍ ଡବଲ ଥ୍ରୀ କରେ ।"

ଏଣେ ଆଉ ଯେଉଁ ଘଟଣା ସେହି ସମସ୍ତ ମଧ୍ୟରେ ଆରମ୍ଭ ହୋଇଗଲା ତା'ର ସୂଯୋଗ ନଅଯାଉ—

ରାୟ ବାହାଦୂର ଶଚୀକାନ୍ତ ବସୁଙ୍କୁ ମହାନଗରୀ ମଧ୍ୟରେ ନ ଚିହ୍ନନ୍ତି, ଏମିତି ଯେଉଁ କେତେଜଣ ଲୋକ ଅଛନ୍ତି, ସେମାନଙ୍କ ସଂଖ୍ୟା ଖୁବ୍ ନଗଣ୍ୟ ।

ଶିକ୍ଷିତ ସମାଜର ପ୍ରତ୍ୟେକ ଲୋକଙ୍କ ମୁହଁରୁ ତାଙ୍କର ନାମ ଶୁଣିବାକୁ ମିଳେ । କେବଳ ତାଙ୍କର ନାଁ କହିଲେ ଭୁଲ ହେବ—ତାଙ୍କ ପରିବାରର ପ୍ରତ୍ୟେକ ଲୋକଙ୍କ ନାଁ ଶୁଣାଯାଏ ।

ତାଙ୍କର ଏକମାତ୍ର କନ୍ୟା ମିତା ବସୁ ଇଣ୍ଟରମିଡ଼ିଏଟ୍‌ରେ ଗୋଲଡ୍ ମେଡ଼ାଲ ପାଇଛନ୍ତି । ପ୍ରତ୍ୟେକ ସମ୍ବାଦପତ୍ରରେ ତାଙ୍କର ଛବି ବାହାରିଥିଲା; ଏକ ଶ୍ରେଣୀର ଯୁବକମାନଙ୍କର କଲ୍‌ଲୋକର ଆଦର୍ଶ ଗୋଟିଏ ନାରୀ ।

ଅସାମାନ୍ୟ ସୁନ୍ଦରୀ ଓ ଶିକ୍ଷିତା ଏଇ କନ୍ୟାଯୋଗୁ ରାୟବାହାଦୂର ଶଚୀକାନ୍ତ ବସୁ ଆଉ ତାଙ୍କର ସ୍ତ୍ରୀଙ୍କର ଗର୍ବର ସୀମା ନ ଥିଲା । ରାୟ ବାହାଦୂର କଥାରେ କଥାରେ କହନ୍ତି, "କନ୍ୟା ଯଦି ସୁଶିକ୍ଷିତା ହୋଇ ପରିବାରର ମୁଖ ଉଜ୍ଜ୍ୱଳ ନ କଲା, ତେବେ ସେମିତି ଝିଅର ନାଁ ମୁହଁରେ ଧରିବା ଉଚିତ ନୁହେଁ ।"

କିନ୍ତୁ କନ୍ୟାର ଗର୍ବ ନେଇ ଶଚୀକାନ୍ତ ବସୁ ବେଶିଦିନ ବଞ୍ଚିରହିଲେନି । ହଠାତ୍ ଆକସ୍ମିକ ଭାବରେ ଦିନେ ହାର୍ଟଫେଲ ହୋଇ ତାଙ୍କର ମୃତ୍ୟୁ ହେଲା । ଆଉ ତାଙ୍କର ମୃତ୍ୟୁ ସଙ୍ଗେ ସଙ୍ଗେ ସାରାପରିବାର ଉପର ଦେଇ ଯେମିତି ଗୋଟାଏ ବିରାଟ ଝଡ଼ ଅତିକ୍ରମ କରିଗଲା ।

ପରିବାରର ହିତୈଷୀ ଯେଉଁସବୁ ଯୁବକ ମି ବସୁ ବଞ୍ଚିଥିଲାବେଳେ ତାଙ୍କ ଘରକୁ ଘନଘନ ଯାତାୟାତ କରୁଥିଲେ, ସେମାନଙ୍କର ଚିହ୍ନ ବି ଆଉ ଦେଖାଗଲାନି ।

ଏ ପରିବାର ସହିତ ସମ୍ପର୍କ ଥିଲେ ଶେଷକୁ କାରଣ ବା ଅକାରଣରେ ବି ସାହାଯ୍ୟ କରିବାକୁ ପଡ଼ିବ, ଏହି ଭୟରେ କେହି ଆଉ ଦରଜାକୁ ଉଠିଲେନି ।

କିନ୍ତୁ ଗୋଟାଏ ଜିନିଷ ଉପରେ ଭରସା ରଖି ମିଃ ବସୁଙ୍କ କନ୍ୟା ମିନା ଆଉ ତା'ର ମା, କେତେଟା ଆଶ୍ୱସ୍ତ ଥିଲେ ।

ମୃତ୍ୟୁର ଦଶବର୍ଷ ପୂର୍ବରୁ ମି ବସୁ ଗୋଟାଏ ଲାଇଫ୍ ଇନସିଓର କରିଥିଲେ । ପ୍ରାୟ ତିରିଶ ହଜାର ଟଙ୍କାର ହେବ; ଏଇ ତିରିଶି ହଜାର ଟଙ୍କାଟା ଏଥର ନିଶ୍ଚୟ ମିଳିବ । ଆଉ ତା'ହେଲେ ଆସନ୍ନ ସଙ୍କଟ ହାତରୁ ଏଇ ପରିବାରଟି ରକ୍ଷାପାଇବ ।

ଏ ଖବର କିନ୍ତୁ ଅନ୍ୟ କେହି ଜାଣନ୍ତିନି । କେବଳ ଜାଣନ୍ତି ଜଣେ ଲୋକ ସେ ହେଉଛନ୍ତି ଫିଲ୍ମ ଡାଇରେକ୍ଟର ମିଃ ସୂର୍ଯ୍ୟକୁମାର ଗୁପ୍ତ ।

ଆଜିକି ପାଞ୍ଚ ଛଅମାସ ହେଲା ସୂର୍ଯ୍ୟକୁମାର ଗୁପ୍ତ ଏ ଘରକୁ ଯିବାଆସିବା କରୁଛନ୍ତି । ସେ ଜଣେ ଉଦ୍ୟୋଗୀ ଓ ବୁଦ୍ଧିବାନ ମଣିଷ; ତା ଛଡ଼ା ମିନାର ଗାଇବା ବଜେଇବା ଓ ନାଚ ଉପରେ ଭୟାନକ ଝୁଙ୍କ ଅଛି—ଏକଥା ସେ ଜାଣନ୍ତି ।

ସେ ପ୍ରଥମେ ମିନାକୁ ଫିଲ୍ମ ଜଗତରେ ପ୍ରବେଶ କରିବାର ଉପଦେଶ ଦେଇଥିଲେ । ସେଇ ଉପଦେଶଟା ବର୍ତ୍ତମାନ ଅତ୍ୟନ୍ତ ସୁନ୍ଦର ଭାବରେ କାର୍ଯ୍ୟକାରୀ ହେବାକୁ ଯାଉଛି । ମିନାର ସେତେବେଳେ ଟଙ୍କାର ଖୁବ୍ ଦରକାର; କେଣ୍

ବର୍ତ୍ତମାନ ଯଦି ସୂର୍ଯ୍ୟକୁମାର ରାୟଙ୍କ ସାହାଯ୍ୟରେ ଫିଲ୍ମ ଜଗତରେ ପ୍ରବେଶ କରିହୁଏ—ଏଇ ଆଶାରେ ମିନା ତାଙ୍କ ସହିତ ଖୁବ୍ ବେଶି ମିଳାମିଶା ଆରମ୍ଭ କରିଛି ।

ମିଳାମିଶାଟା ପ୍ରାୟ ବନ୍ଧୁତ୍ୱ ପର୍ଯ୍ୟାୟରେ ଯାଇ ପହଞ୍ଚିଲା । ପ୍ରଥମେ ପ୍ରଥମେ ମିସେସ୍ ବସୁ ଏଥିରେ ଆପତ୍ତି ଜଣେଇଥିଲେ; କିନ୍ତୁ ବର୍ତ୍ତମାନ କନ୍ୟାର ଭବିଷ୍ୟତ ଉନ୍ନତିର ସୁଯୋଗ ଦେଖି ସେ ଆଉ କୌଣସି ପ୍ରକାର ବାଧା ଦେଲେନି ।

ତେଣୁ ସୂର୍ଯ୍ୟକୁମାର ରାୟଙ୍କ ସହିତ ଏ ପରିବାରର ଘନିଷ୍ଠତା ଆହୁରି ବଢ଼ିଉଠିଛି ।

ସେଦିନ ମି: ରାୟ କଥା ପକେଇ ପକେଇ ପଚାରିଲେ, "ଏଥର କିଛି ଗୋଟାଏ କରିବାକୁ ହେବ; କଣ କହୁଛ, ମିସ୍ ମିନା ?"

—"ଦିନେ ଦି'ଦିନ ପରେ ଆମର ସୁଟିଂ ବୋଧହୁଏ ଆରମ୍ଭ ହେବ । ତୁମର ତ ଟଙ୍କାର ପ୍ରୟୋଜନ ବର୍ତ୍ତମାନ ଥିବ "

—"ନା ବର୍ତ୍ତମାନ ଅବଶ୍ୟ ସେତେଟା ନୁହେଁ "

—"କାହିଁକି, ତୁମର ବାପାଙ୍କର ଅନ୍ତ୍ୟେଷ୍ଟି କ୍ରିୟାଦି…"

—"ସେଥିପାଇଁ ଚିନ୍ତା ନାହିଁ, ମି: ରାୟ !"

—"କଣ କହୁଛ ? ସେ ବ୍ୟାଙ୍କରେ କିଛି ଟଙ୍କାପଇସା ଜମା ରଖିଯାଇଛନ୍ତି ନା କଣ ?"

—"ନା ।"

—"ତେବେ ?"

—"ବାପାଙ୍କର ତିରିଶି ହଜାର ଟଙ୍କାର ଲାଇଫ୍ ଇନ୍ସୁରେନ୍ସ ଥିଲା । ସେଇ ପଲିସିର ଟଙ୍କାଟା ବର୍ତ୍ତମାନ…"

—"ଓ, ବୁଝିଲି ।"

ସୂର୍ଯ୍ୟକୁମାର ରାୟ ଯେମିତି ସ୍ୱସ୍ତିର ନିଃଶ୍ୱାସ ମାରିଲେ । କହିଲେ, "ଗୁଡ୍, ତା'ହେଲେ ତୁମର ସେଭଳି କିଛି ବିପଦ ନାହିଁ । ଏହା ମଧ୍ୟରେ ଯଦି କୌଣସି କାମ ମିଳିଯାଏ, ତା'ହେଲେ ଏକପ୍ରକାର ଚଳିବ; କଣ କହୁଚ ?"

—"ହୁଁ ।" ମିନା ମୃଦୁ ହସି ଉତ୍ତର ଦେଲା ।

—"ତା'ହେଲେ ଆଜିଯାଏ ଟଙ୍କାଟା ଛୁଟେଇବାର ବ୍ୟବସ୍ଥା କରିନ କାହିଁକି ?"

—"ସେମିତି ସୁଯୋଗ ମିଳୁନି; ତେଣୁ ..."

—"କେଉଁ କମ୍ପାନୀରେ ତୁମ ବାବାଙ୍କର ଇନ୍‌ସିଓର ହୋଇଥିଲା ?"

—"ଇ. ଆଇ. ଲାଇଫ୍ ଇନସ୍ୟୁରେନ୍ସ କମ୍ପାନୀରେ ।"

—"ଓ, ସେଥିରେ ମୁଁ ବି କେତେକ ଇନ୍‌ସିଓର କରିଚି ।"

—"କମ୍ପାନୀ ସହିତ ପରିଚୟ ଅଛି ତା'ହେଲେ ?"

—"ନିଶ୍ଚୟ । ତାର ମ୍ୟାନେଜିଂ ଡାଇରେକ୍ଟର ମୋର ଇନ୍‌ଟିମେଟ୍ ଫ୍ରେଣ୍ଡ ।"

—"ସତେ ? ତା'ହେଲେ ତ ଖୁବ୍ ସୁବିଧା ହେଲା..."

—"ଏକଥା ପଚାରିବାକୁ ଅଛି ! କାହିଁ, ପଲିସିଟା ଦେଖେଇଲ ।"

ମିନା ଦ୍ରୁତପଦରେ ଉଠି ପାଖଘରଆଡ଼େ ଗଲା । ଚପଳା ହରିଣୀର ଗତିଭଙ୍ଗୀ ଯେମିତି ତା'ର ସେଇ ଚାଲିରେ ଥିଲା ।

କେତେ ମିନିଟ ପରେ ଫେରିଆସି କହିଲା, "ଏଇ ସେ ପଲିସିଟା ।"

ଆମୂଳଚୂଳ ଭଲଭାବରେ ଦେଖି ସୂର୍ଯ୍ୟକୁମାର ରାୟ କହିଲେ, ଏ ଟଙ୍କା ସାଧାରଣଭାବେ ପାଇବାକୁ ହେଲେ ଛଅମାସ ଲାଗିବ । ତେବେ ମୁଁ ଚେଷ୍ଟା କଲେ ବୋଧହୁଏ ମାସକ ମଧ୍ୟରେ ବ୍ୟବସ୍ଥା କରିପାରିବି ।"

—"ସତେ ନା କଣ ? ଏଇ ସାମାନ୍ୟ କ ମ ଯଦ ଦସ୍ତାକଣ "

—"ନା, ନା, ଏଥିରେ ଦୟାର କଥା କଣ ଅଛି ! ଏଇଟା ମୋର ଏକାନ୍ତ କର୍ତ୍ତବ୍ୟ । ପଲିସିଟା ଦଅ, ସବୁ ବ୍ୟବସ୍ଥା ଠିକ୍ କରି ମାସକ ପରେ ମୁଁ ତୁମକୁ ଧାଙ୍ଗରେ ସେ ଅଫିସକୁ ନେଇଯିବି । ତୁମେ ସିଗ୍‌ନେଚର କଲେ ତ ଟଙ୍କାଟା "

—"ଆପଣଙ୍କୁ ଯେ କଣ ବୋଲି ଧନ୍ୟବାଦ ଜଣେଇବ ତା ମୁଁ ଭାବି ଠିକ୍ କରିପାରୁନି, ମି: ଗୁପ୍ତ !"

ମିନାର କଣ୍ଠ ଆବେଗପୂର୍ଣ୍ଣ ।

ତା ପରଦିନ ଘଟଣା ।

ଇ. ଏଇ. ଲାଇଫ୍ ଇନ୍‌ସ୍ୟୁରେନ୍‌ସ କମ୍ପାନୀ ଅଫିସରେ ଦୁଇଜଣ ଲୋକ ପ୍ରବେଶ କଲେ; ଜଣେ ପୁରୁଷ, ଅନ୍ୟ ଜଣକ ନାରୀ ।

ପୁରୁଷଟି ସୁଟ୍ ପିନ୍ଧିଥିଲା । ଆଭିଜାତ୍ୟର ଆଲୋକରେ ସାରା ଦେହ ଝଲମଲ କରିଉଠୁଛି । ନାରୀଟିର ପରିଧାନରେ ସିଲ୍‌କ ଶାଢ଼ି ଆଉ ଗାଢ଼ ନୀଳ ରଙ୍ଗର ସିଲ୍‌କ ବ୍ଲାଉଜ; ସାରା ଦେହରେ ଯେମିତି ନଆଁର ନଶା ଲାଗିରହିଛି ।

ସିଧା ସେ ଦୁହେଁ ମ୍ୟାନେଜିଂ ଡାଇରେକ୍ଟରଙ୍କ ଅଫିସ ରୁମ୍‌ରେ ପଶିଲେ । ସେମାନଙ୍କୁ ଦେଖି ମ୍ୟାନେଜିଂ ଡାଇରେକ୍ଟରଙ୍କ ମୁହଁ ଆନନ୍ଦୋଜ୍ଜ୍ୱଳ ହୋଇଉଠିଲା । ସେ ପଚାରିଲେ, "କଣ ଦରକାର ଆପଣମାନଙ୍କର ?"

—"କେତେକ ଜରୁରୀ ବିଷୟରେ କଥାବାର୍ତ୍ତା ।"

—"କ'ଣ, କୁହନ୍ତୁ ।"

—"ଆପଣ ବୋଧହୁଏ ସମ୍ବାଦପତ୍ରରୁ ପଢ଼ିଥିବେ ଯେ, ରାୟବାହାଦୁର ଶଚୀକାନ୍ତ ବସୁଙ୍କର ପରଲୋକ ହୋଇଯାଇଛି ।"

—"ହଁ, ସେ ଖବର ମତେ ଜଣାଅଛି ।"

—"ସେଇ ବିଷୟରେ କଥାବାର୍ତ୍ତା କହିବାକୁ ଆସିଛି । ଆପଣଙ୍କ କମ୍ପାନୀରେ ତାଙ୍କର ଗୋଟାଏ ପଲିସି ଥିଲା ।"

—"ହଁ, ତିରିଶ ହଜାର ଟଙ୍କାର ।"

—"ଧନ୍ୟବାଦ, ଏ ହେଉଛନ୍ତି ମି: ବସୁଙ୍କର କନ୍ୟା ମିଝା ବସୁ ।"

—"ଓ, ସତେ ନା କଣ ? ନମସ୍କାର; ପରିଚୟ ପାଇ ବିଶେଷ ଖୁସି ହେଲି, ମିସ୍ ବସୁ !"

—"ବିଶେଷ କାରଣରୁ ଏହାଙ୍କୁ ଆଜି ଆପଣଙ୍କ ପାଖକୁ ଆସିବାକୁ ହେଲା ।"

—"ବୁଝିଲି, ସେ ଟଙ୍କାଟା ବର୍ତ୍ତମାନ ଆପଣମାନଙ୍କର ବିଶେଷ ଦରକାର, ଏଇଆ ନା ?"

—"ହଁ ।"

—"ପଲିସିଟା ଦେଖେ ।"

ମିଝାର ଛଦ୍ମବେଶଧାରିଣୀ ମାୟାରାଣୀ ଗୋଟାଏ ପଲିସି ମ୍ୟାନେଜିଂ ଡାଇରେକ୍ଟରଙ୍କ ହାତକୁ ବଢ଼େଇଦେଲା । ତା'ର ଦୁଇଟିଯାକ ଚକ୍ଷୁରେ ଯେପରି ସାରା ବିଶ୍ୱର କାରୁଣ୍ୟ ଭରିରହିଛି । ମ୍ୟାନେଜିଂ ଡାଇରେକ୍ଟରଙ୍କ ହୃଦୟକୁ ଭେଦିଗଲା ସେ ଦୃଷ୍ଟିର ଅସହାୟତା ।

ସେ କହିଲେ, "ମାସ୍‌ଭ ଅଗରୁ ଟଙ୍କାଟା ମିଳିବା ସମ୍ଭବ ନୁହେଁ । ତେବେ ମୁଁ ଏଇଟା ଗୋଟାଏ ସ୍ପେଶାଲ କେସ୍ ହିସାବରେ ଧରୁଛି । ପଅରଦିନ ମଧ୍ୟରେ ଯେପରି ଆପଣଙ୍କୁ ଟଙ୍କାଟା ମିଳିଯାଏ, ସେଥିପାଇଁ ମୁଁ ଯଥାସାଧ୍ୟ ଚେଷ୍ଟା କରିବି, ମିସ୍ ବସୁ !"

କୃତଜ୍ଞତାପୂର୍ଣ୍ଣ ଭଙ୍ଗୀରେ ମିଝାରୂପୀ ମାୟାରାଣୀ ଆସନ ଛାଡ଼ି ଉଠିଲା ।

କଲିକତାଠାରୁ ଷୋଡ଼ଏ ମାଇଲ ।

ସୁନ୍ଦରବନର ଶେଷ ସୀମା ।

ବଡ଼ ବଡ଼ ଶାଳଗଛ । ଭୀଷଣ ଜଙ୍ଗଲ ନ ହେଲେ ବି ଛୋଟ ଅଜସ୍ର ଗଛର ସମାବେଶ ଜଙ୍ଗଲଟାକୁ ନିବିଡ଼ କରି ପକାଇଛି ।

ସମସ୍ତ ସେତେବେଳକୁ ତିନ ଘଣ୍ଟା ।

ଦୁଇଜଣ ଲୋକ ଜଙ୍ଗଲ ଭେଦଦେଇ ଆଗେଇ ଯାଉଥିବାର ଦେଖାଗଲା । ସେମାନଙ୍କ ଗତିବିଧି ଯେମିତି ସନ୍ଦେହଜନକ । ନିଃଶଙ୍କ ଚାଲିରେ ନ ଆଗେଇ ଭୟରେ ଏପଟ ସେପଟ ଚାହିଁ ଚାହିଁ ଆଗେଇ ଆସନ୍ତି ।

କିଛି ଦୂର ପରେ ଜଙ୍ଗଲର ଗୋଟାଏ ଅଂଶରେ ଗୁଦା ଆଡ଼ ଥାଳରେ ଗୋଟାଏ ବଗିଚ ଗୋଦାମ ଭଳି ଘର ଦେଖାଯାଉଛି ।

ଲୋକ ଦୁଇଟି ସେଠାକୁ ଯାଇ ଚାରିଆଡ଼କୁ ଚାହିଁ କିଛି ସମସ୍ତ ଧରି ଭରି ଯେମିତି ଖୋଜିବାକୁ ଲାଗିଲେ ।

ଜଣେ କହିଲା "ସାର୍, କନେକ୍ସନଟା ଫିଟ୍ ଧରିବ ନା କଣ ?"

ଅନ୍ୟ ଜଣକ ଉତ୍ତର ଦେଲା, "ନା ବର୍ତ୍ତମାନ ଥାଉ । ପରେ ସେ ବିଷୟ ଦେଖାଯିବ ।"

—"ଅନ୍ତତଃ ସେ ପାଖରେ କଣ ହେଉଛି ସେ ଖବର…"

—"ଟିକିଏ ଡେରି ହେଲେ ଯେମିତି କିଛି କ୍ଷତି ହେବନି । ଯଦି କୌଣସି ଜରୁରୀ ଖବର ଥାଏ, ତା'ହେଲେ ସେମାନେ ତଦାରଖ କରିବା ପାଇଁ ଲୋକ ପଠେଇବେ ।"

—"ତା'ହେଲେ ପ୍ଲେନ୍ ଦୁଇଟା ବର୍ତ୍ତମାନ ପରିଷ୍କାର କରିଦେଉଛି ?"

—"ହଁ, ବରଂ ତା' କରିପାର । ଯଦି ଏହା ମଧ୍ୟରେ କୌଣସି ଖବର ଆସେ ତେବେ ସେଇ ଅନୁସାରେ ବ୍ୟବସ୍ଥା କରାଯିବ ।"

Deb's Library Corner

ଦୁହେଁଯାକ ଆଗେଇ ଯାଇ ଗୋଦାମ ଭଳି ଘରଟା ଭିତରେ ପଶିଲେ ।

ଏତିକିବେଳେ ଦପ୍ ଦପ୍ ହୋଇ ଗୋଟିଏ ଗୋଲାପୀ ରଙ୍ଗର ଆଲୁଅ ତିନିଥର ଜଳିଉଠି ଲିଭିଗଲା ।

ଜଣେ କହିଲା, "ସଙ୍କେତ ଆସିଛି, ସାର୍ !"

ଅନ୍ୟ ଜଣକ ମୁଣ୍ଡ ହଲେଇ ଆଗେଇଲା । ତା'ପରେ କେତେଗୁଡ଼ାଏ ତା'ର ଫିଟ୍ଙ୍ଗର ଗୋଟାଏ ରସିଭର ଉଠାଇଆଣି କହିଲା, "Yes sir teady."

ଏ ଧରଣର ଅଦ୍ଭୁତ ବୈଜ୍ଞାନିକ ଯୋଗାଯୋଗ କରିବାର କ୍ଷମତା ଦେଖି ମନେହୁଏ, ଏମାନେ ଦୀର୍ଘଦିନ ଏ କାର୍ଯ୍ୟରେ ନିଶ୍ଚୟ ଅଭ୍ୟସ୍ତ ।

ସେପଟରୁ ଉତ୍ତର ଶୁଣାଗଲା, "ତୁମକୁ ସାବଧାନ କରିଦେଉଛି ବକ୍ସ, ଆମ ଉପରେ ପୋଲିସର ନଜର ପଡ଼ିଛି । ବର୍ତ୍ତମାନ ଖବର ପାଇଲି, ଓଡ଼ିଶାରୁ ସେଇ ଡିଟେକ୍ଟିଭ ଜୟନ୍ତ ପାଣିଗ୍ରାହୀ ଆସି ଆମ ବିରୁଦ୍ଧରେ ପ୍ରସ୍ତୁତ ହେଉଛି । ଲୋକଟା ବହୁତ ବୁଦ୍ଧିମାନ୍ । କେଉଁ ମୁହୂର୍ତ୍ତରେ ଯେ ଗିରଫ କରିପକେଇବ, କିଛି ଠିକ୍ ନାହିଁ । ତୁମେ ଆମର ଏରୋଡ୍ରୋମ୍‌କୁ ସେଠାରୁ ତିନିମାଇଲ ଦକ୍ଷିଣକୁ ଘୁଞ୍ଚେଇନିଅ ।

—"ଆଚ୍ଛା, ହଉ !"

—"ଆଉ ଖୁବ୍ ସାବଧାନ୍ ଥିବ । କେହି ଯେମିତି ଟେର ନ ପାଆନ୍ତି; କାହାରି ସଙ୍ଗେ ବେଶି ମିଳାମିଶା କରିବନି । ଆଉ ସବୁ ସମୟରେ ପ୍ରସ୍ତୁତ ହୋଇଥିବ ।"

—"ସେଥିରେ ଭୁଲ ହେବନି ।"

କଥାବାର୍ତ୍ତା ପରେ ସେ ଯୋଗାଯୋଗ କାଟିଦେଇ ଉଠି ଠିଆ ହେଲା ! ତା'ପରେ ତା'ର ସାଙ୍ଗଟିକୁ କହିଲା, "ଖୁବ୍ ଚଞ୍ଚଳ ପ୍ରସ୍ତୁତ ହୋଇପଡ଼ । ଆମର ଏରୋଡ୍ରୋମ୍ ବର୍ତ୍ତମାନ ତିନି ମାଇଲ ଦକ୍ଷିଣକୁ ସ୍ଥାନାନ୍ତରିତ କରାହେବ ।"

"କାହିଁକି, ସାର୍ ?"

—"ଉପରୁ ଅର୍ଡ଼ର ଆସିଛ ।"

—"ପୋଲିସ ଲଗିଛ ନା କଣ ?"

—"ସେଇଆ ତ ମନେହେଉଛ ।"

—"ଆଉ କଣ ହୁକୁମ ଅଛୁ ନା କଣ ?"

—"ଏତେ ଖୋଳତାଡ଼ରୁ କଣ ମିଳବ ? ଆମ କାମ ଆମେ କରିଯିବା ଦରକାର ।"

ତା'ପରେ ଦୁହେଁ ଜଙ୍ଗଲ ମଧ୍ୟରେ କେଉଁଆଡ଼େ ଅଦୃଶ୍ୟ ହୋଇଗଲେ ।

କଳିଙ୍ଗ ରେଷ୍ଟେଡ଼୍ ହାଉସର ମାଲିକ ସୁବୁଦ୍ଧି ନାୟକର ଗୋପନ କକ୍ଷର ଆଉ ଏକ ଦୃଶ୍ୟ ଦେଖାଗଲା ।

ସେତେବେଳକୁ ରାତ୍ର ଦୁଇଟା ।

ସାରା ସହରରେ ଜାଗ୍ରତ ଥିବା କୌଣସି ମଣିଷର ସ୍ପନ୍ଦନ କେଉଁଠାରେ ନ ଥାଏ; କୌଣସି ଆଲୋକର ସାମାନ୍ୟ ରେଖା ବି ନ ଥାଏ ।

ଠିକ୍ ସେତିକିବେଳକୁ କଳିଙ୍ଗ ରେଷ୍ଟେଡ଼୍ ହାଉସ୍‌ର ଗୋଟାଏ ବଖରାରେ ଜଣେ ଲୋକକୁ ଦେଖାଗଲା ।

କିଂ କିଂ ହୋଇ ଟେଲିଫୋନ୍ ବାଜିଉଠିଲା ।

ଲୋକଟି ରିସିଭର ଟେକିନେଇ ପଚାରିଲା, "ହ୍ୟାଲୋ, କିଏ ?"

—"ମୁଁ ବକ୍ସ କହୁଛ ।"

—"ଖବର କଣ ?"

—"ସବୁ କାମ ଠିକ୍ ହୋଇଯାଇଛ ।"

—"ହେଲିକପ୍ଟର ଆଉ ଜେଟପ୍ଲେନ୍‌କୁ କେଉଁଠି ରଖିଛ ?"

—"ତିନି ମାଇଲ୍ ଦକ୍ଷିଣରେ ।"

—"ସବୁବେଳେ ପ୍ରସ୍ତୁତ ରୁହ । ପଅରଦିନ ସାଢ଼େ ଗୋଟାଏ ବେଳେ ଉପରକୁ ଉଠିବାକୁ ହେବ ।"

—"ଆଚ୍ଛା, ହଉ, ଆଉ ଖବର କଣ ।"

—"ସେମିତି କିଛି ନାହିଁ । ପରେ ଶୁଣେଇବି; ତେବେ ଖବରଟା ଖୁବ୍ ଜରୁରୀ, ମନେରଖ ସେମିତି ।"

—"ଆଚ୍ଛା, ଆପଣଙ୍କ ଅର୍ଡ଼ର ଅନୁସାରେ କାମ ହେବ ।"

ସଂଯୋଗ ଛିନ୍ନ ହୋଇଗଲା ।

ତିନିମିନିଟ ପରେ, ପୁଣି ଫୋନ୍‌ଟା ଝଣ୍ ଝଣ୍ କରିଉଠିଲା ।

—"ହ୍ୟାଲୋ, କିଏ ?"

—"ମାୟାରାଣୀ କହୁଛି ।"

—"ଖବର କ'ଣ ?"

—"ଏପଟର ସବୁ ଖବର ଭଲ; ତୁମେ କେତେଦୂର ଆଗେଇଲ ?"

—"ମୁଁ ଏପଟେ ସବୁ ଠିକ୍ କାମ କରୁଛି । ହଁ, ମୁକ୍ତେଶ୍ୱର ଆଜି ଆସିଲା ?"

—"ହଁ ।"

—"ବ୍ୟବସ୍ଥା କ'ଣ କରିଛ ?"

କଫିରେ ଥିବା ପୋଟାସିୟମ୍ ସାଇନାଇଡ଼୍‌ର ପ୍ରତିକ୍ରିୟାରେ ସେ ଶେଷ ନିଃଶ୍ୱାସ ଛାଡ଼ିସାରିଛି । ଉଗାଲ ବସ୍ତ୍ରରେ ସେ ଗଙ୍ଗାକୁ ଚାଲିଗଲାଣି; ଆଜି ସେଠାରେ ସବୁ ବ୍ୟବସ୍ଥା ଠିକ୍ ତ ?"

—"ହଁ ।"

—"ଲୋକଟାକୁ ଜବତ୍ କରିଚ ?"

—"ହଁ, ତାକୁ ସେଇ କୋଠରି ଭିତରେ ରଖାଯାଇଚି ।"

—"ଖୁବ୍ ଭଲ । ଆଜି ତା'ହେଲେ ଏଠିକରେ ରହିଲି, କାଲି ସାତ ଘଣ୍ଟା ପରେ ଏଠିକି ଆସ ।"

—"ଅଚ୍ଛା ହଉ, ତୁମର କାଲିର ପୋଗ୍ରାମ କ୍ୟାନ୍ସେଲ କରିଦିଅ, ମାଷ୍ଟ୍ରାରଣୀ !"

—"ହଉ, ଚେଷ୍ଟା କରିବ ।"

—"ଚେଷ୍ଟା ନୁହେଁ, ଏଇଟା କରିବାକୁ ହେବ । ପଅରଦିନ ଭିତରେ ସବୁ ଶେଷ କରିବାକୁ ହେବ ।"

—"କାହିଁକି ?"

—"ପଅରଦିନ ଭିତରେ ମୁଁ ବେଙ୍ଗଲ ଛାଡ଼ି ଚାଲିଯିବି ।"

—"ସେଇଥି ନା କଣ ?"

—"ହଁ, କଲିଙ୍ଗ ରେଷ୍ଟୋଡ଼ି ହାଉସରେ ପୋଲିସର କଡ଼ା ନଜର ପଡ଼ିଚି ।"

—"ଜିନିଷପତ୍ରସବୁ କ'ଣ ସାଙ୍ଗରେ ଯିବ ?"

—"ନା, ସେ ବ୍ୟବସ୍ଥା ମୁଁ କରିସାରିଚି । ଆଗରୁ ସେସବୁ ଆମର ସ୍ୱତନ୍ତ୍ର ଅଡ୍ଡାକୁ ବୁକ୍ କରି ହୋଇଯାଇଚି ।"

—"ଭଲ ହେଲା । ହୋଟେଲ ଉପରେ ପୋଲିସ କଡ଼ା ନଜର ପକେଇବାକୁ ଆରମ୍ଭ କଲାଣି । ମୋର ଭୟ ଥିଲା, ମୁକ୍ତେଶ୍ୱରକୁ ପଠେଇବାରେ ଗଣ୍ଡଗୋଳ ହେବ ବୋଲି; କିନ୍ତୁ ସୁବିଧାରେ ସେ କାମ ଶେଷ ହୋଇଯାଇଚି ।"

—"ସେଥିପାଇଁ କହୁଚି, ଯେତେ ଚଞ୍ଚଳ ହୁଏ ବେଙ୍ଗଲ ଛାଡ଼ି ପକେଇବା ଉଚିତ ଓଡ଼ିଶାକୁ ସେଇ ଗୋଇନ୍ଦା ଜୟନ୍ତ ପାଣିଗ୍ରାହୀ ଆମର

ପିଣ୍ଡରେ ଲାଗିବାକୁ ଉଦ୍ଧା ହୋଇ ଆସିଛି । ତା' ଆଗରେ ବେଶୀ ଦିନ ଛପିବା ସମ୍ଭବ ନୁହେଁ । ଗତ ସାତ ଦିନ ମଧ୍ୟରେ ଟେଲିଫୋନରେ ସେ କେବଳ ହାଓ୍ୱା ଧରି ଆମମାନଙ୍କୁ କାବୁ କରିଦେଇଥିଲା ।"

—"ଆଉ ତା'ହେଲେ ଅପେକ୍ଷା କରିବା ଦରକାର ନାହିଁ । ଖାଲି ତୁମେ ଏଠାକୁ ଆସିଲେ ସାଙ୍ଗ ହୋଇ ସେଠିକି ଯିବା । ତା'ପରେ ଯାହା ବ୍ୟବସ୍ଥା···"

× × × ×

ସେଦିନ ରାତି ଦଶଟା ।

ପୋଲିସ ହେଡ୍‌କ୍ୱାର୍ଟରର ଡେପୁଟି କମିଶନର ମି: ମୁଖାର୍ଜୀଙ୍କ ଘରେ ଥିବା ଫୋନ୍‌ଟା ଝଣ୍ ଝଣ୍ କରିଉଠିଲା । ମି: ମୁଖାର୍ଜୀ ରିସିଭର ଉଠେଇ ନେଇ ପଚାରିଲେ, "ହ୍ୟାଲୋ, କିଏ ?"

—"ମୁଁ ଜୟନ୍ତ କହୁଛି ସାର, ଏଣ୍ଟାଲି ପୋଲିସ୍ ଷ୍ଟେସନରୁ ।"

—"ହଁ, ହଁ, ଆଉ ଖବର ଅନ୍ତର କ'ଣ ?"

—"ଯେଉଁ ବ୍ରଜକିଶୋର କଥା କହୁଥିଲି, ସେ ବର୍ତ୍ତମାନ ସୂର୍ଯ୍ୟକୁମାର ରାୟ ନାମରେ ଦୁଇ ଜାଗାରେ ମାରାତ୍ମକ ଭାବରେ ଚିଟିଙ୍ଗବାଜ୍ କରିସାରିଛି ।

—"ମାନେ "

—"ଜଣେ ହେଉଛି ବିଖ୍ୟାତ ବ୍ୟବସାୟୀ ଅଯୋଧ୍ୟାମଲ୍ଲ ଡାଓ୍ୱାଣୀ । କଳିଙ୍ଗ ରେଷ୍ଟ୍ ହାଉସ୍‌ରେ ଗୋଟିଏ କୋଠରି ଭଡ଼ା ନେଇ ସେ ରହେ । ଏହି ଜାଲ୍ ନାଆଁରେ ବ୍ରଜ ନିଜକୁ ବିଖ୍ୟାତ ଫିଲ୍ମ ଡାଇରେକ୍ଟର ବୋଲି ପରିଚୟ ଦେଇ ତାର ସହକର୍ମୀ ମାୟାରାଣୀ ସହିତ ପନ୍ଦର ହଜାର ଟଙ୍କା ଠକିନେଇଛି ।"

—"ଖୁବ୍ ପଲିସିବାଜ୍ ଜଷ୍ଟସ୍ତ ! ଆଉ ଅନ୍ୟ ଘଟଣାଟା କେଉଁଠି ?"

—"ମିସ୍ ମିଣା ବସୁର ବାପା ରାୟ ବାହାଦୁର ଶଚୀକାନ୍ତ ବସୁଙ୍କର ତିରିଶ ହଜାର ଟଙ୍କାର ଲାଇଫ୍ ଇନସ୍ୟୁରେନ୍ସ ଥିଲା । ସେଇ ଟଙ୍କାଟା ନେଇ ବ୍ରଜକିଶୋର ଆଉ ତାର ସହକର୍ମୀ ମାୟାରାଣୀ ଚମ୍ପଟ୍ ଦେଇଛନ୍ତି ।"

—"କିନ୍ତୁ ଏ କଥା କେମିତି ହେଲା ?"

—"ସୂର୍ଯ୍ୟକୁମାର ରାୟ ଛଦ୍ମ ନାମରେ ବ୍ରଜକିଶୋର ମିଶ୍ରଙ୍କ ଘରକୁ ଯାତାୟାତ କରୁଥିଲା । ସେଇଠୁ କୌଶଳ କରି ପଲିସିଟା ହାତ କରିନେଲା; ତା ପରେ ମାୟାରାଣୀକୁ ମିଛା ରୂପେ ନେଇ ଇ. ଆଇ. ଲାଇଫ୍ ଇନସ୍ୟୁରେନସ କମ୍ପାନୀରୁ ଟଙ୍କା ନେଇଯାଇଛି । ଆଜି ସେ ଟଙ୍କାଟା ନେଇଗଲା, ଏଇ ସନ୍ଧ୍ୟାବେଳେ ମିଶ୍ର ଓ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟରଙ୍କଠାରୁ ସେ ଖବର ପାଇଲି ।"

—"ଏ ଅଭିଯାନ ପଛରେ ହେଲ୍‌କେପ୍‌ଟର ରହିଛି କେଉଁଠି ?"

—"ହଁ ସାର, ସେ ବିଷୟରେ ବି ଖବର ପାଇଛି । କେବଳ ହେଲ୍‌କେପ୍‌ଟର ନୁହେଁ, ଗୋଟାଏ ଜେଟ୍‌ପ୍ଲେନ୍ ବି ଏ ଦଳରେ ରହିଛି ।"

—"କଣ କହୁଛ !"

—"ହଁ, ମାର୍କିନ ଯୁକ୍ତରାଷ୍ଟ୍ରର ଏହି ଦୁଇଟିକୁ ସେଠା ସରକାରଙ୍କ ଅଜ୍ଞାତରେ ଅପହରଣ କରାଯାଇଛି । ପ୍ଲେନ୍ ଦୁଇଟିର ଚାଳକ ବହୁତ ମୋଟା ଅର୍ଥ ଆଶାରେ ପ୍ଲେନ୍ ଦୁଇଟି ବିକି କରିଦେଇଚନ୍ତି ବୋଧହୁଏ । ଦୁଇଜଣ ଆଙ୍ଗ୍ଲୋଇଣ୍ଡିଆନ ତା'ର ଚାଳକ ଥିଲେ; ଇନ୍‌ଫରମେସନ ବ୍ୟୁରୋରୁ ମୁଁ ଏ ସମ୍ବାଦ ସଂଗ୍ରହ କରିଛି ।"

—"ଘଟଣା ସାଂଘାତିକ ହୋଇଉଠିଛି ତ ତେବେ ! ବର୍ତ୍ତମାନ ଆଉ କଣ କରିବାକୁ କହୁଛ ?"

—"ବର୍ତ୍ତମାନ କରିବାର କିଛି ନାହିଁ, ତେବେ ସବୁବେଳେ ପ୍ରସ୍ତୁତ ରହିବାକୁ ମନ୍ତବ୍ୟ । କାରଣ, ବ୍ରଜକିଶୋର ଅର୍ଥଲୋଭରେ ଆଜି ତାର ଅଂଶୀଦାରକୁ ଶେଷ କରିଦେଇଛି । ବୋଧହୁଏ ନିକଟରେ ତା'ର ଅନ୍ୟ ଉଦ୍ଦେଶ୍ୟ କିଛି ନିଷ୍ଠୟ ଅଛି; ଏ କାମ ତାର ସହକର୍ମୀ ମାୟାରାଣୀ କକ୍ଷରେ ପୋଟାସିୟମ୍ ସାଇନାଇଡ୍ ଦେଇ ଶେଷ କରିଛି ।"

—"ଏ ଖବର ତମେ ପାଇଲ କେମିତି ?"

—"ହୋଟେଲ ଶଗାଲର ମ୍ୟାନେଜର ଏ ବିଷୟରେ ଓ୍ୱେଲେସଲି ଟେଲିଫୋନରେ ଖବର ଜଣାଇଥିଲେ । ସେତେବେଳେ ମୁଁ ସେଠିକା ପୋଲିସ ଷ୍ଟେସନରେ ରହି ସେଠାରେ ହୋଇଥିବା ଖୁନ କେସ୍‌ର ବିବରଣ ଦେଖୁଥିଲି ।"

—"ଖବର କଣ କିଛି ପାଇଲ ?"

—"ହଁ, ଏ ଘଟଣାଟା ବି ବ୍ରଜକିଶୋରର—ଏ ବିଷୟରେ ମୁଁ ସ୍ଥିର-ନିଶ୍ଚିତ ।"

—"ଓ୍ୱେଲେସଲି ପୋଲିସ କି ବ୍ୟବସ୍ଥା ଗ୍ରହଣ କରିଚ ?"

—"ହୋଟେଲ ଶଗାଲ ଉପରେ କଡ଼ା ଦୃଷ୍ଟି ଦେଇଚ ।"

—"ତେବେ ?"

"ଭାଲି ଆଉ କେତେଟା ବିଷୟ ଦେଖିବାର ଅଛି । ତା'ପରେ ଯାହା କରିବାର କଥା କରାଯିବ; ଆଚ୍ଛା, ରହିଲି ।"

ମିଃ ମୁଖାର୍ଜି ରିସିଭରଟାକୁ ରଖିଦେଲେ । ତାଙ୍କ ମୁହଁରେ ଫୁଟିଉଠିଲା ବିସ୍ମୟର ରେଖା । ଚିନ୍ତିତ ଅବସ୍ଥାରେ ଟିଣ ଭିତରୁ ଖଣ୍ଡେ କ୍ୟାପ୍‌ଷ୍ଟେନ୍ ସିଗାରେଟ ଉଠାଇଆଣି ମୁହଁରେ ଧରିଲେ । ସିଗାରେଟ ଧୂଆଁ ମଝିରେ ଦେଖାଯାଉଥିଲା, ତାଙ୍କର ପ୍ରଶସ୍ତ କପାଳ ଯେମିତ ଚିନ୍ତାରେ ଟାଣ ଶିର ବାନ୍ଧିଯାଇଛି ।

ସେଦିନ ଉପରବେଳା ଦେଖାଗଲା, ଗୋଟାଏ ଘୁଙ୍ଗା ଭିକାରି ଫୁଟ୍‌ପାଥ ଉପରେ ବୁଲୁଚି ।

କଳିଙ୍ଗ ରେଷ୍ଟେଡ୍ ହାଉସ୍‌ର ଓଲଟା ପଟରେ ଫୁଟ୍‌ପାଥରେ ବିଚିତ୍ର ଭଙ୍ଗୀରେ ସେ ଚିତ୍କାର କରିବାରେ ଲାଗିଚି । ତା'ର ଚିତ୍କାରରୁ ଜଣାଯାଏ, ଲୋକଟା ଘୁଙ୍ଗା । ମୁହଁରୁ କୌଣସି ସ୍ପଷ୍ଟ ଉଚ୍ଚାରଣ ବାହାରୁ ନ ଥାଏ; ତେଣୁ ତା'ର ଚିତ୍କାର ଅର୍ଥହୀନ ।

କିନ୍ତୁ ଅର୍ଥହୀନ ହେଲେ ବି ପଥଚାରୀମାନଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସେ ସକ୍ଷମ ହେଉଚି ।

ମଝିରେ ମଝିରେ ଯାତାୟାତ କରୁଥିବା ଲୋକମାନଙ୍କ ମଧ୍ୟରୁ ଜଣେ ଅଧେ ପଇସେ ଦୁ'ପଇସା ତା ଆଡ଼କୁ ପକେଇ ଦେଉଥାଆନ୍ତି । କିଏ ମୁହଁ ବଙ୍କେଇ ଦେଇ କହୁଥାଏ, 'ନାଷ୍ଟି' ।

ଭିକାରୀଟିର ଦୃଷ୍ଟି କିନ୍ତୁ ଏମାନଙ୍କ ଉପରେ ନ ଥାଏ । ସେ ଖୁବ୍ ସତର୍କରେ ମଝିରେ ମଝିରେ କଳିଙ୍ଗ ରେଷ୍ଟୁରେଣ୍ଟ୍ ହାଉସ୍‌ର ଗୋଟାଏ କୋଠରୀ ଆଡ଼େ ଦୃଷ୍ଟି ଦେଉଥାଏ । ଭିତରେ କଣ ହେଉଛି, ସେ କଥା ଜାଣିବା ପାଇଁ ସେ ଯେମିତି ବ୍ୟଗ୍ର—ଏଇଟା ସହଜରେ ଜଣାପଡୁଥାଏ ।

ଏମିତି ଭାବରେ ସମୟ କଟିବାରେ ଲାଗିଲା ।

ସାତଟା···ଆଠଟା··ନଅଟା···

ରାଜପଥ ଜନଶୂନ୍ୟ ହୋଇଆସିଲା । କୁହୁଡ଼ିର ଶୁଭ୍ର ଆବରଣ ଧୀରେ ଧୀରେ ପୃଥିବୀ ବକ୍ଷରେ ଘୋଡ଼ାଇ ହୋଇ ଆସିବାରେ ଲାଗିଛି ।

ଠନ··ଠନ୍

ରାତି ଦଶଟା ।

ଘଙ୍ଗା ଭିକାରୀଟି କିଛି ବାଟ ଆଗେଇଗଲା ।

ଚାରିଆଡ଼କୁ ଥରେ ଭଲ ଭାବରେ ଚାହିଁ ଦେଖିଲା—କେହି ତାକୁ ଲକ୍ଷ୍ୟ କରୁଛି କି ନାହିଁ । କେହି ତାକୁ ସାମାନ୍ୟ ଭାବରେ ବି ଲକ୍ଷ୍ୟ କରୁନି ବୋଲି ସେ ସମ୍ପୂର୍ଣ୍ଣ ନିଃସନ୍ଦେହ ହେଲା ।

ତା'ପରେ ଫୁଟ୍‌ପାଥ ଉପରେ କିଛି ସମୟ ପଦଚାରଣ କରି ଧୀରେ ଧୀରେ ସେ କଳିଙ୍ଗ ରେଷ୍ଟୁରେଣ୍ଟ୍ ହାଉସ୍ ପଛପଟରେ ଆସି ଠିଆହେଲା ।

ରାସ୍ତା ଜନଶୂନ୍ୟ । ବହୁଦୂରରେ ଠିଆହୋଇ ବାଟର କନେଷ୍ଟବଲ ଏତେବେଳଯାଏ ଡିଉଟି କରୁଥିଲା । ସେ ଏଥର ଅନ୍ୟଆଡ଼େ ଚାଲିଯାଇଛି ।

ନିଶ୍ଚିନ୍ତ ହୋଇ ସେ ଘରର ପଛରେ ଥିବା ପାଣି ପାଇପ୍ ଧରି ଉପରକୁ ଉଠିବାର ଚେଷ୍ଟା କଲା । ଏ କାମରେ ସେ ଯେ ବେଶ୍ ଅଭ୍ୟସ୍ତ, ତାହା ତାର

ଘରଭିଡ଼ିରୁ ଭଲଭାବେ ଜଣାପଡ଼ୁଥିଲା । ଝିଟିପିଟି ପରି ସେ ସିଧା ପାଇପ୍ ଧରି ସାବଲୀଳ ଭାବରେ ଉଠିବାରେ ଲାଗିଲା, ଖୁବ୍ ନିଃଶବ୍ଦରେ ।

ପାଇପ୍ ଶେଷରେ ଦୋମହଲାର କାର୍ଣ୍ଣିସ୍ । ତା'ର ପାଖରେ ଗୋଟାଏ ଝରକା । ସେଇ ଝରକା ଚଉକାଠଟା ଧରିପକାଇ ସେ ଘର ଭିତରକୁ ଉଙ୍କି ମାରିଲା; କିନ୍ତୁ ବିଶେଷ କିଛି ତାର ଦୃଷ୍ଟିରେ ପଡ଼ିଲାନି ।

ଘରଟା ସମ୍ପୂର୍ଣ୍ଣ ଅନ୍ଧକାରରେ ଆଚ୍ଛନ୍ନ । କୌଣସି ଜୀବନ୍ତ ମଣିଷର ସ୍ୱର ଶବ୍ଦ ବି କେଉଁଠାରେ ଶୁଣାଯାଉ ନ ଥାଏ ।

ଟିକିଏ ଚଞ୍ଚାକରି ଲୋକଟା ଛାତର କାର୍ଣ୍ଣିସ ଧରି ଆଗେଇ ଚାଲିଲା । ସାମାନ୍ୟ ଟିକିଏ ପାଦ ଖସିଗଲେ ସେ ତଳେ ପଡ଼ି ମାରାତ୍ମକ ଭାବେ ଆହତ ହେବାକୁ ପଡ଼ିବ । ଏକଥା ତା'କୁ ଅଜଣା ନ ଥିଲା; କିନ୍ତୁ ତେବେ ବି ସେ ନିଃଶଙ୍କ ଭାବରେ ଆଗେଇଥାଏ । କାର୍ଣ୍ଣିସର ଶେଷ ଭାଗରେ ଛାତ; ଛାତର ରେଲିଂ ଡେଇଁ ସେ ସିଧା ଛାତଉପରେ ଯାଇ ଠିଆହେଲା ।

ଛାତରେ କୌଣସି ଲୋକ ନ ଦେଖି ସେ ନିଶ୍ଚିନ୍ତ ହୋଇ କୋଠରିଟି ଆଡ଼େ ଆଗେଇଗଲା; କିନ୍ତୁ ଘରଭିତରେ କୌଣସି ଲୋକର ଦେଖା ନ ପାଇ ସେ ଟିକିଏ ଯେମିତି ବିସ୍ମିତ ହେଲା । ଗୋଟାଏ ଟର୍ଚ୍ଚ ବାହାର କରି ସେ ଘରକଣରେ ଥିବା ଗୋଟାଏ ବଡ଼ ଆଇରନ୍ ଚେଷ୍ଟ ଉପରେ ଆଲୁଅ ପକେଇଲା ।

ଚେଷ୍ଟ ଆଗରେ ଗୋଟାଏ ବିରାଟ ତାଲା ଝୁଲୁଥାଏ ।

ଭଲଭାବରେ ତାଲାଟାକୁ ପରୀକ୍ଷା କରି ଲୋକଟା ପକେଟ୍ ଭିତରୁ ଗୋଟାଏ Master Key (ସବୁଖୋଲା ଚାବି) ବାହାର କଲା । ତାପରେ ସେଇଟି ତାଲା ଓ ଚେଷ୍ଟ ଚାବିରେ ଲଗାଇ ବୁଲାଇବାରୁ ଚେଷ୍ଟର ଅଧିକ ଅଂଶ ଖୋଲିଗଲା ।

ଚେଷ୍ଟ ଖୋଲି ଲୋକଟି କେତେଗୁଡ଼ିଏ କାଗଜପତ୍ର ଘେଲେଇବାରେ ଲାଗିଲା । ଏତିକିବେଳେ ପଛରୁ କିଏ ଯେମିତି କହିଉଠିଲା, "ଆଉ ବେଶିଗୁଡ଼ାଏ ବାହାଦୁରି ଦେଖାଇବାର ବୃଥା ଚେଷ୍ଟା କରିବନି, ଗୋଏନ୍ଦାପ୍ରବର ! ତା'ହେଲେ ଜୀବନଟାକୁ ଏଠାରେ ଛାଡ଼ିଯିବାକୁ ପଡ଼ିବ ।

ଲୋକଟି ପଛକୁ ଫେରି ଚାହିଁଲା ।

ତାର ପଛରେ ଗୋଟିଏ ସ୍ତ୍ରୀଲୋକ ରିଭଲଭର୍ ଦେଖାଇ ଠିଆ ହୋଇଛି । ରିଭଲଭରଟି ଯେମିତି ଯେକୌଣସି ମୂହୂର୍ତ୍ତରେ ଗୁଳି ବର୍ଷଣ କରିବାକୁ ଉନ୍ମୁଖ ।

ଲୋକଟିର ମୁହଁରୁ ସାମାନ୍ୟ ଶବ୍ଦ ବି ବାହାରିଲାନି । ସେ ନିଃଶବ୍ଦରେ ହାତ ଦୁଇଟି ମୁଣ୍ଡ ଉପରକୁ ଉଠାଇ ସିଧା ଭାବରେ ଠିଆହେଲା ।

ସ୍ତ୍ରୀଲୋକଟିର ମୁହଁରେ ସାଫଲ୍ୟର ହସ ଲାଗିରହିଛି ।

ହଠାତ୍ ଲୋକଟି ଆକସ୍ମିକ ଭାବରେ ଦୁଆର ଆଡ଼େ ଚାହିଁଲା । ଯେମିତି କେହି ଜଣେ ଲୋକକୁ ଆସିବାର ଦେଖି ସେ ସେଆଡ଼କୁ ଚାହୁଁଛି ।

ସ୍ତ୍ରୀଲୋକଟି କିଏ ଆସିଲା ବୋଲି ପଛଆଡ଼କୁ ମୁହଁ ବୁଲାଇଲା ।

ଲୋକଟି ଠିକ୍ ଏହି ସୁଯୋଗ ଅପେକ୍ଷାରେ ଥିଲା । ପକେଟ୍ ଭିତରୁ ଗ୍ରେନେଡ଼ ନଳୀଟିଏ ବାହାର କରି ଚିପିଦେଲା ।

ଖୁଟ୍ ।

ପ୍ରଚଣ୍ଡ ଧୂଆଁ ଗୁଣ୍ଡିଏ ବାହାରିଆସି ସ୍ତ୍ରୀଲୋକଟିକୁ ତତ୍‌କ୍ଷଣାତ୍ ଅଜ୍ଞାନ କରିପକେଇଲା । ସେ ଲଥ୍‌କରି ଘରମଝିରେ ପଡ଼ିରହିଲା; ସେଇ ସୁଯୋଗରେ ଲୋକଟା ଅକ୍ଳେଶରେ ପାଣି ପାଇପ୍ ଧରି ତଳକୁ ଓହ୍ଲାଇ ଆସିଲା ।

ଲାଲବଜାର ପୋଲିସ ହେଡ୍‌କ୍ୱାଟର ।

ଡେପୁଟି କମିଶନର ମି: ମୁଖାର୍ଜୀଙ୍କ ଟେବୁଲ ଉପରେଥିବା ଟେଲିଫୋନ୍‌ଟା ଘନ ଘନ ବାଜିଉଠିଲା ।

—"ହ୍ୟାଲୋ, କିଏ ?"

"ମୁଁ ଜୟନ୍ତ କହୁଛି । ବର୍ତ୍ତମାନ ସଶସ୍ତ୍ର ପୋଲିସ ଧରି କଳିଙ୍ଗ ରେଷ୍ଟୋରାଁ ହାଉସକୁ ଆସ; ମୁଁ ଏଣ୍ଟାଲି ପୋଲିସର ଜରୁରୀ ବ୍ୟବସ୍ଥା କରିସାରିଛି ।"

—"ଡେଫିନେଟ୍ ପ୍ରୁଫ କିଛି ଅଛି ?"

Deb's Library Corner

—"ହଁ, ହଁ ଶୀଘ୍ର ।"

—"ଅଚ୍ଛା, ବର୍ତ୍ତମାନ ବାହାରିଲି ।"

× × × ×

କଳିଙ୍ଗ ରେଷ୍ଟୁରାଣ୍ଟ୍ ହାଉସ୍‌ର ମାଲିକ ସୁବୁଦ୍ଧି ନାୟକ ସିଧା ରାସ୍ତା ଉପରକୁ ଉଠିଆସିଲେ ।

ନିସ୍ତବ୍ଧ ରାତି, ଜନଶୂନ୍ୟ ପଥ । ସୁବୁଦ୍ଧି ନାୟକ ଗୋଟାଏ ଗାଡ଼ିରେ ଉଠିଲେ, କଲିକତାର ରାଜପଥ ଉପରେ ଛୁଟିଚାଲିଲା ଗାଡ଼ିଖଣ୍ଡିକ ।

କିଛିଏ ପରେ ଦେଖାଗଲା, ପଛରେ ଗୋଟାଏ ପୋଲିସ୍‌ର ଗାଡ଼ି ।

ସୁବୁଦ୍ଧି ନାୟକ ସେଆଡ଼େ ଚାହିଁଦେବା ମାତ୍ରେ ତା ତୁଣ୍ଡରୁ ଆଉ କୌଣସି କଥା ବାହାରିଲାନି ।

ଗାଡ଼ି ଛୁଟିଚାଲିଛି । ପଛରେ ପୋଲିସର ଗାଡ଼ିଟା ବି ତାକୁ ଅନୁସରଣ କରିଚାଲିଛି; ସମ୍ମୁଖ ଗାଡ଼ିର ଗତିବେଗ ବଢ଼ିଗଲା ।

ଊର୍ଦ୍ଧ୍ୱଶ୍ୱାସରେ ତାହା ଯେପରି ଧାଇଁବାରେ ଲାଗିଛି । ଜୋର୍‌ରେ··· ଆହୁରି ଜୋର୍‌ରେ·

ପଛର ଗାଡ଼ିଟା ଅନୁସରଣରତ ।

କିଏ ଜାଣେ ଏ ଅଜଣା ରହସ୍ୟର ଶେଷ କେଉଁଠି ?

× × × ×

କଲିକତାଠାରୁ ବହୁଦୂରରେ ଜଙ୍ଗଲଘେରା ଗୋଟାଏ ପଡ଼ିଆ ପ୍ରାନ୍ତରେ ଗୋଟାଏ ବିରାଟ ଗୋଦାମଘର ।

ଗୋଟାଏ କାର୍ ଆସି ସେଇ ଗୋଦାମ ଆଗରେ ଠିଆହେଲା ।

ସେ ଭାର୍‌ରୁ ଦୁଇଜଣ ଲୋକ ଓହ୍ଲାଇଲେ । ଜଣେ ପୁରୁଷ, ଅନ୍ୟ ଜଣକ ସ୍ତ୍ରୀଲୋକ ।

ପୁରୁଷଟିର ରୂପ ଦେଖିଲେ ତାକୁ ଚହ୍ନିବାକୁ ଡେରି ଲାଗୁ ନାହିଁ । ଏ ହେଉଛି ସେଇ କଳଙ୍କ ରେଷ୍ଟୋର୍‌ ହାଉସ୍‌ର ମାଲିକ ସୁବୃଦ୍ଧି ନାୟକ । ଆଉ ତରୁଣୀଟି ମାୟାରାଣୀ ବ୍ୟତୀତ ଅନ୍ୟ କେହି ନୁହେଁ ।

ଦୁଇଜଣ ଲୋକ ଆସି ସୁବୃଦ୍ଧି ନାୟକଙ୍କୁ ସାଲ୍ୟୁଟ୍‌ ଦେଲେ ।

—"All ready ?"

—"Yes sir :"

—"ପ୍ଲେନ୍‌ସବୁ ପ୍ରସ୍ତୁତ ?"

—"ହଁ ।"

—"ଗାଡ଼ି ଭିତରେ ଥିବା ବାକ୍‌ସଟ ଖୁବ୍‌ ଶୀଘ୍ର ଉଠାଇ ନେଇଟାକୁ ଧରି ମୋର ଅନୁସରଣ କର ।"

ଏଥାକହି ସୁବୃଦ୍ଧି ନାୟକ ଆଉ ମାୟାରାଣୀ ହେଲିକେପ୍‌ଟର ଆଡେ ଆଗେଇଲେ; ଦୁହେଁ ଉଠିବସିଲେ ।

ଦୂରରୁ ମୋଟର ଇଞ୍ଜିନ୍‌ର ଶବ୍ଦ ଶୁଣାଗଲା ।

ସୁବୃଦ୍ଧି ନାୟକ ଇଞ୍ଜିନ୍‌ରେ ଷ୍ଟାର୍ଟ ଦେଉଁ ଦେଉଁ କହିଲା, "ସେମାନେ ଆମକୁ ଫଲୋ କରୁଚନ୍ତି ।"

ମାୟାରାଣୀ କହିଲା, "କିନ୍ତୁ ସେମାନେ ଆଉ ଆମର କଣ କରିବେ ? ତାଙ୍କ ପହଞ୍ଚିବା ଆଗରୁ ଅମେ ନକ୍ଷତ୍ର ଉପରକୁ ଉଠୁଚେ ।"

ସୁବୃଦ୍ଧି ନାୟକ ପ୍ରାଣପଣେ ହ୍ୟାଣ୍ଡଲଟା ବୁଲାଇବାରେ ଲାଗିଲା । ଅକ୍‌ସିଲେଟରଟାରେ ଚାପଦେଇ କହିଲା, "ଆମକୁ ବର୍ତ୍ତମାନ ଧରିବା ସେମାନଙ୍କର ସାଧ୍ୟାତୀତ ।"

ଘପ୍ ଘପ୍……ଭିଁ……

ହେଲିକପ୍ଟରଟାରେ ଯେମିତି ପ୍ରାଣସଞ୍ଚାର ହେଉଛି ।

ପୋଲିସ ଭ୍ୟାନ୍ ଛୁଟି ଆସୁଥିବାର ଦେଖାଗଲା ।

କାର୍ ଭିତରୁ ହୀରାଟ ଓଜନ ବାକ୍ସଟା କେତେଜଣ ଖୁବ୍ କଷ୍ଟରେ ବାହାର କରିବାରେ ଲାଗିପଡ଼ିଛନ୍ତି ।

ଘର୍ଁ ଘର୍ଁ ଶବ୍ଦକରି ହେଲିକପ୍ଟରର ଉପରପଙ୍ଖା ଘୂରିବାକୁ ଲାଗିଲା । କ୍ରମେ ଷ୍ଟାର୍ଟ ଧରି ଆକାଶକୁ ଉଠିଲା ।

ମାୟାରାଣୀ କହିଲା, "ବକ୍ସ, କାମ ଶେଷ କରି ଆମକୁ ଅନୁସରଣ ଝଷ୍ଟସ୍ କରିବ ।"

ଗଳା ବଢ଼ାଇ ବଢ଼ାଇ ସୁବୁଦ୍ଧି ନାୟକ କହିଲା, "ଯାହା ହେବାର ହେଉ, କିନ୍ତୁ ଆମେ ନିରାପଦ ।"

ଚଳେ ଆସି ପୋଲିସ ଭ୍ୟାନ୍ ଠିଆହେଲା । ଜଣେ ପୋଲିସ ସର୍ଜେଣ୍ଟ ଗାଡ଼ି ଭିତରୁ ଡେଇଁପଡ଼ି ହେଲିକପ୍ଟରକୁ ଲକ୍ଷ୍ୟକରି ଗୁଳି ଚଳେଇଲେ ।

ଗୁଡ୍ରୁମ୍ !

କିନ୍ତୁ ହେଲିକପ୍ଟର ସେତେବେଳକୁ ଲକ୍ଷ୍ୟର ଅନେକ ଦୂରରେ ।

ପୋଲିସବାହିନୀ ଆସି ସାରା ଏରୋଡ୍ରୋମ ଘେରିଗଲେ ।

ବକ୍ସ ଆଉ ତାର ସହକର୍ମୀ ବାକ୍ସଟି ଜେଟପ୍ଲେନ୍ ଭିତରକୁ ଉଠେଇବା ଅବସ୍ଥାରେ ଆରେଷ୍ଟ ହେଲେ । ପୋଲିସବାହିନୀ ଜେଟପ୍ଲେନ୍ ଖଣ୍ଡି ଦଖଲ କଲେ ।

ଜୟନ୍ତ କହିଲା, "ମିଃ ମୁଖାର୍ଜି, ଆମେ ଏଥର ଜେଟ୍ପ୍ଲେନ୍ଟି ନେଇ ସେ ହେଲିକପ୍ଟରର ଅନୁସରଣ କରିବା ।"

—"କିନ୍ତୁ ପ୍ଲେନ୍ ଡ୍ରାଇଭ କରିବ କିଏ ?

—"ସେ ବିଷୟରେ ସାମାନ୍ୟ ଜ୍ଞାନ ଅର୍ଜନ କରିଛି, ମି: ମୁଖାର୍ଜି ! ଡେରି କରି କିଛି ଲାଭ ନାହିଁ; ଶୀଘ୍ର କାର୍ଯ୍ୟ କରିବା ଉଚିତ ।"

—"କିନ୍ତୁ ବ୍ରଜକିଶୋରର ଦେଖା ତ ମିଳୁନି ! କେବଳ ସୁବୁଦ୍ଧି ନାୟକ ଆଉ ମହାରାଣୀକୁ ଦେଖାଗଲା । ସେମାନଙ୍କୁ ଆରେଷ୍ଟ କରିବା ଆଗରୁ "

—"ବୁଝୁଛି; ଟିକିଏ ପରେ ସେକଥା କହୁଛି ।"

କୌଣସି କଥା ନ କହି ସଶସ୍ତ୍ର ଗୁରକଣ ସର୍ଜେଣ୍ଟ ମି ମୁଖାର୍ଜି ଆଉ ଜୟନ୍ତ ଜେଟ୍‌ପ୍ଲେନ୍‌ଟାରେ ଉଠିଲେ ।

ସୁନୀଳ ଆକାଶ ବକ୍ଷରେ ଧୂଆଁର ମୋଟା ଧାର ଛାଡ଼ି ଦୁରନ୍ତଗତି ଜେଟ୍‌ଟି ଉଡ଼ିଚାଲିଲା ।

ଦୂର ଆକାଶବକ୍ଷରେ ଦେଖାଯାଉଛି ସଶବ୍ଦ ହେଲିକପ୍ଟରର ଅଗ୍ରଗତି । ଦୂରବୀକ୍ଷଣଟା ଆଖିରେ ଲଗାଇ ଜୟନ୍ତ କ୍ରମଶଃ ତାର ଜେଟ୍‌ପ୍ଲେନ୍‌ର ଗତି ବଢ଼େଇବାରେ ଲାଗିଛି ।

ଜେଟ୍‌ପ୍ଲେନ୍‌ର ଗତି ହେଲିକପ୍ଟରଠାରୁ ଅନେକ ଗୁଣରେ ବେଶି । ଦୁଇ ପ୍ଲେନ୍ ମଧ୍ୟରେ ଦୂରତ୍ୱ କ୍ରମଶଃ କମିଆସିଲା । ଆଉ ସାମାନ୍ୟ କିଛି ପାର୍ଥକ୍ୟ ରହିଛି ଉଭୟ ପ୍ଲେନ୍ ମଧ୍ୟରେ ।

ମି: ମୁଖାର୍ଜି ଉତ୍ତେଜିତ ଭାବରେ କହିଲେ, "ଆହୁରି ଜୋର୍‌ରେ ମି ପାଣିଗ୍ରାହୀ ! ମୋର ସ୍ପିଡ୍…"

ଜୟନ୍ତ ମୁହୁର୍ତ୍ତପି ଫ୍ଲାଇଙ୍ଗ ଦୁଇଟା ଚିପି ଧରିଲା ।

ମୁହଁ ମୁହିଁ ଲଢ଼େଇ ଆରମ୍ଭ ହୋଇଗଲା । ଜେଟ୍‌ପ୍ଲେନ୍ ଆଉ ହେଲିକପ୍ଟର । ଆଧୁନିକ ବିଜ୍ଞାନର ଦୁଇଟି ଶ୍ରେଷ୍ଠ ଅବଦାନ; ମେସିନ୍‌ଗନ୍‌ରୁ ଅଜସ୍ର ଧାରାରେ ଗୁଳିବର୍ଷଣ ଲାଗିଛି ।

ପ୍ରୋପେଲରର ଗର୍ଜନ ଯେମିତି ବାୟୁସ୍ତରକୁ ମନ୍ଥି ପକାଉଛି ।

ଜେଟ୍‌ପ୍ଲେନ୍‌କୁ ଲକ୍ଷ୍ୟକରି ଗୋଟାଏ ସ୍ୱାଭାବିକ ଗୁଳି ଛୁଟିଆସୁଥିବାର ଦେଖି ଜୟନ୍ତ କ୍ଷିପ୍ର ଭାବରେ ପ୍ଲେନ୍‌ଟି ଖସେଇ ଆଣିଲା ।

ଆକସ୍ମିକ ଭାବରେ ଜେଟ୍‌ରୁ ଦୁଇଟି ଗୁଳି ଛୁଟିଯାଇ ହେଲିକପ୍‌ଟରର ଦେହରେ ବସିଲା ।

ଦପ୍‌କରି ନିଆଁ ଜଳିଉଠିଲା । ଗୋଟାଏ ଚକର ଖାଇ ହେଲିକପ୍‌ଟର ତଳକୁ ଖସିବାରେ ଲାଗିଲା ।

ମି: ମୁଖାର୍ଜି କହିଲେ, "ଏଥର ମୃତ୍ୟୁବରଣ କରିବା ବ୍ୟତୀତ ସେମାନଙ୍କର ଅନ୍ୟ ଗତି ନାହିଁ, ମି: ପାଣିଗ୍ରାହୀ !"

...କିନ୍ତୁ ଏ କଣ !

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ, ଦୁଇଟି ଲୋକ ଆକସ୍ମିକ ଭାବରେ ଶୂନ୍ୟକୁ ଡେଇଁପଡ଼ିଲେ । ସେମାନଙ୍କର ପାରାସୁଟ୍‌ଟା ଖୋଲିଯିବାରୁ ଆକାଶପଥରେ ଝୁଲି ଝୁଲି ସେମାନେ ଅକ୍ଷତ ଅବସ୍ଥାରେ ଆସି ତଳେ ପହଞ୍ଚିଲେ ।

ଏଣେ ସେତେବେଳକୁ ହେଲିକପ୍‌ଟର ଖଣ୍ଡି ମାଟିରେ ପଡ଼ି ଛିନ୍ନ ହୋଇଯାଇଥାଏ ।

ଜେଟ୍‌ପ୍ଲେନ୍ ଆସି ତଳେ ଲ୍ୟାଣ୍ଡ କଲା ।

ଜୟନ୍ତ ଓ ମି: ମୁଖାର୍ଜି ପ୍ରଭୃତି ସମସ୍ତେ ଅଦୂରରେ ଦଣ୍ଡାୟମାନ ଲୋକ ଦୁଇଟିଙ୍କ ଆଡ଼କୁ ଆଗେଇ ଆସିଲେ ।

ଜୟନ୍ତ କହିଲା, "ପ୍ରଥମେ ମାୟାରାଣୀକୁ ଗିରଫ କରନ୍ତୁ । ତା ପରେ ସେ ସୁନ୍ଦରୀ ନାୟକ ବେଶଧାରୀ ବ୍ରଜକିଶୋରକୁ ।"

ମି: ମୁଖାର୍ଜି କହିଲେ, "ତୁମେ କଣ କହୁଛ !"

ଜୟନ୍ତ, କହିଲା, "ହଁ, ସୁବୁଦ୍ଧି ନାୟକଙ୍କୁ ଅଜ୍ଞାନ କରି ଏ ସଇତାନ ଗୋଟାଏ ଗୁପ୍ତ କୋଠରୀରେ ତାଙ୍କୁ ବନ୍ଦକରି ରଖିଛି । ପୋଲିସ ଆଖିରେ ଧୂଳି ଦେବା ପାଇଁ ବ୍ରଜକିଶୋର ସାଜି ଛଦ୍ମବେଶ ଧାରଣରେ ସୁଦକ୍ଷ ।"

ସେତେବେଳକୁ ସର୍ଜେଣ୍ଟମାନେ ମାୟାବିଣୀ ହାତରେ ହାତକଡ଼ି ଦେଇଥିଲେ । ମିଃ ମୁଖାର୍ଜି ବ୍ରଜକିଶୋର ହାତରେ ହାତକଡ଼ି ପିନ୍ଧେଇବାକୁ ଆଗେଇଗଲେ ।

ହଠାତ୍ ଏ କଣ ହେଲା !

ଧୂଆଁ ···ଆଉ·· ଧୂଆଁ ···

ଜୟନ୍ତ ପାଟିକରି ଉଠିଲା, 'ସ୍ମୋକ ବମ୍ ।'

ଧୂଆଁରେ ଅନ୍ଧାରହୋଇ ବ୍ରଜକିଶୋରଙ୍କୁ ଧରିବା କଷ୍ଟସାଧ୍ୟ ହୋଇପଡ଼ିଲା । ସାମାନ୍ୟ ପରେ ଦେଖାଗଲା, ଜେଟ୍‌ପ୍ଲେନ୍‌ଟି ଧରି ବ୍ରଜକିଶୋର ଖୁବ୍ ଉପରକୁ ଉଠିଯାଉଛନ୍ତି । ଅଯଥା ଗୁଳିଚାଳନାରୁ କ୍ଷାନ୍ତହୋଇ ମିଃ ମୁଖାର୍ଜି କେବଳ କହିଲେ, "ଅଦ୍ଭୁତ ଏ ଉଡ଼ନ୍ତା ଖୁଣୀ ···"

ଜୟନ୍ତ କିଛି ଉତ୍ତର ଦେଲାନି । ବ୍ୟର୍ଥତାର ବିପୁଳ କ୍ରୋଧରେ ଯେମିତି ସେ ଫାଟି ପଡ଼ୁଥିଲା ।

—*—

ସ-ମା-ପ୍ତ

Deb's Library Corner